ବର୍ଷ-୨୫, ସଂଖ୍ୟା-୧୫୩
ଭୁବନେଶ୍ୱର
୦୫, ଜୁନ୍, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 153
Bhubaneswar
05, June, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଭାଙ୍ଗିପଡ଼ିଲେ ପ୍ରୀତି



# ଢେଙ୍କାନାଳରେ ୩୦୮ କୋଟି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଢେଙ୍କାନାଳ ଠାରେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ, ପ୍ରାୟ ୧୮୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟ ବରାଦରେ, ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୧୧୨ କୋଟି ଟଙ୍କାର ୧୨

## ୧୨୦ କୋଟି ବ୍ୟୟରେ ହେବ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ

## ୫୦ ହଜାର କୋଟିରୁ ଉର୍ଦ୍ଧ୍ୱ ୪ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର

## ୩୦ ହଜାର କୋଟି ବ୍ୟୟ କେବଳ ସୋଲାର ଶକ୍ତି ପ୍ରକଳ୍ପ

## ୨୬,୪୦୦ ଯୁବକ ଯୁବତୀ ପାଇବେ ନିଯୁକ୍ତି

ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଥିବା ବେଳେ ୭୬ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଆଜି କରାଗଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଢେଙ୍କାନାଳ ଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ ବ୍ୟୟବରାଦରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପ ଆଜି ଓଡିଶାର ବିକାଶର ଧାରାରେ ଆଉ ଏକ ସ୍ରୋତ ଯୋଡି ଦେଇଛି । ଆଜି ଯେଉଁ ନୂତନ ଶିଳ୍ପର ଶୁଭାରମ୍ଭ ହେଲା, ଏଥିରୁ ୩୦ ହଜାର କୋଟି ଟଙ୍କାର ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ ଏଣୁ, ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆମର ଲକ୍ଷ୍ୟ। ସୋଲାର ଏନର୍ଜୀକୁ ଆମେ କେବଳ ଆମ ରାଜ୍ୟର



ନୁହେଁ ବରଂ ସମଗ୍ର ଦେଶର ପ୍ରମୁଖ ଶକ୍ତି ଭାବେ ବ୍ୟବହାର କରିବା ଆଜି ଏଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ଯୋଗୁଁ ପ୍ରାୟ ୨୬ ହଜାର ୪୦୦ଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି ଆଉ ଆଜିର ଏହି ଶିଳ୍ପ, ଆମର ଉତ୍କର୍ଷ ଓଡିଶା- ମେକ ଇନ ଓଡିଶା କନକ୍ଲେଭ କାର୍ଯ୍ୟକ୍ରମର ସଫଳତା ଆମ ସରକାରକୁ ୩୬୫ ଦିନ ମଧ୍ୟ ପୂରିନି କିନ୍ତୁ ଦେଖନ୍ତୁ, ଆମେ ଦେଇଥିବା ପ୍ରତିଶ୍ରୁତି କିଭଳି ଆମେ ପୂରଣ କଲୁ କାରଣ ଆମ ସରକାର, ଯେଉଁ ବିଶ୍ୱାସର ସହ ଲୋକଙ୍କ ପାଖକୁ ଆସିଛି ସେ ବିଶ୍ୱାସ ଆମେ କେବେ ହେଲେ ଭାଙ୍ଗିବୁନି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।ସେ କହିଥିଲେ ଯେ, ଏହି ଜିଲ୍ଲାର ଚିର ସ୍ମରଣୀୟ ବରପୁତ୍ର ତଥା ଶହୀଦ ବାଜି ରାଉତଙ୍କ ସ୍ମୃତିରେ ଆଜି ବନମାଳିପ୍ରସାଦ ଅଂଚଳରେ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ଏଥିରେ ଫୁଟବଲ ପଡିଆ, ସିନ୍ଥେଟିକ ଆଥେଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର, ଇଣ୍ଡୋର ଷ୍ଟାଡିଅମ, ସୁଇମିଂପୁଲ୍, ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡା ଛାତ୍ରାବାସ ଇତ୍ୟାଦି ବିକଶିତ କରାଯିବ । ସେ ପୁଣି କହିଥିଲେଯେ, ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆମ ଯୁବ ପିଢିଙ୍କ କ୍ରୀଡା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ଅର୍ଥାତ ଯୁବଶକ୍ତିର ଉ□ାନ ଯୁବ ସମାଜ ହେଉଛନ୍ତି ଆଗମୀ ପିଢୀର ନିର୍ମାତା। ସେମାନଙ୍କ ସବୁଠାରୁ ବଡ ସମସ୍ୟା ହେଉଛି ରୋଜଗାର। ତେଣୁ ସରକାର ଏଥିପାଇଁ ଚିନ୍ତିତ ଅଛନ୍ତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆମେ ପ୍ରଥମ ବର୍ଷରେ ୨୭ ହଜାର ଖାଲିଥିବା ସରକାରୀ ପଦ ପୂରଣ କରିଛୁ। ଚଳିତ ବର୍ଷ ୪୦ ହଜାର ପଦ ପୂରଣ କରିବାପାଇଁ ମୁଁ ନିର୍ଦ୍ଦେଶ ଦେଇ ସାରିଛି। ଗତ କ୍ୟାବିନେଟ ବୈଠକରେ ରାଜ୍ୟର ଚାକିରି ଆଶାୟୀଙ୍କ ଏକ ଦୀର୍ଘ ଦିନର ଦାବିକୁ ପୂରଣ କରିଛୁ। ବର୍ତ୍ତମାନ ଚାକିରି ପାଇଁ ଆବେଦନ କରିବାର ସର୍ବୋଚ୍ଚ ବୟସ ସୀମାକୁ ୪୨ ବର୍ଷ କରିଛୁ।ଏହା ଯୁବବର୍ଗଙ୍କୁ ସରକାରୀ ଚାକିରିରେ ପ୍ରତିଯୋଗୀତା କରିବାକୁ ଅଧିକ ସୁଯୋଗ ଦେବ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମେ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ ଏବଂ ଏଥିପାଇଁ ମୂଳଦୁଆ। ଗତ ଜୁନ ୧୨ ତାରିଖରେ ପଡି ସାରିଛି। ଏବେ ଏହି ଭିତ୍ତିଭୂମି ଉପରେ ନିର୍ମାଣ ହେଉଛି। ନୂତନ ଓଡିଶା, ସମୃଦ୍ଧ ଓଡିଶା ଏଥିପାଇଁ ପ୍ରତି ଜିଲ୍ଲାକୁ ବି ସମୃଦ୍ଧ ହେବାକୁ ପଡିବ ଆଜିର ପ୍ରକଳ୍ପ ସବୁ ଢେଙ୍କାନାଳ ଜିଲ୍ଲାକୁ ସମୃଦ୍ଧ କରିବାକୁ ଉଦ୍ଦିଷ୍ଟ ଆସନ୍ତୁ, ଗଢିବା ଏକ ସମୃଦ୍ଧ ଢେଙ୍କାନାଳ ଏବଂ ସମୃଦ୍ଧ ଓଡିଶା।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ଯୋଗାଣ ମନ୍ତ୍ରୀ, କୃଷ୍ଣ ଚନ୍ଦ୍ର ପାତ୍ର , ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ, ଶତ୍ରୁଘ୍ନ ଜେନା , ପରଜଙ୍ଗ ବିଧାୟକ, ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା, ସିମାରାଣୀ ନାୟକ ଓ ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ପାଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

# ୬ରେ ଜମ୍ମୁ ଏବଂ କାଶ୍ମୀର ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୪।୬(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖ ଦିନ ଜମ୍ମୁ ଏବଂ କାଶ୍ମୀର ଗସ୍ତ କରିବେ। ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ସକାଳ ପ୍ରାୟ ୧୧ଟା ସମୟରେ ଚେନାବ ସେତୁ ଉଦଘାଟନ କରିବେ ଏବଂ ସେତୁ ଡେକ୍ ପରିଦର୍ଶନ କରିବେ। ଏହା ପରେ, ସେ ଅଞ୍ଜି ସେତୁ ପରିଦର୍ଶନ ଏବଂ ଉଦଘାଟନ କରିବେ। ସେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ପରେ, ସେ କାଟରାଠାରେ ୪୬,୦୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବା ସହ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ।

ନଦୀଠାରୁ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ଚମତ୍କାର ସ୍ଥାପତ୍ୟ ଚେନାବ ରେଳ ସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଲୱେ ଆର୍ଚ୍ଚ ବ୍ରିଜ। ଏହା ଏକ ୧୩୧୫ ମିଟର ଲମ୍ବା ଷ୍ଟିଲ ଆର୍ଚ୍ଚ ବ୍ରିଜ ଯାହାକୁ ଭୂକମ୍ପ ଏବଂ ପବନ ପରିସ୍ଥିତିର ମୁକାବିଲା କରିବା ପାଇଁ ଡିଜାଇନ କରାଯାଇଛି। ଏହି ସେତୁ ଯୋଗୁଁ ଜମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ସଂଯୋଗୀକରଣ ବୃଦ୍ଧି ପାଇବ। ଏହି ସେତୁ ଉପରେ ବନ୍ଦେ ଭାରତ ଟ୍ରେନ ଜରିଆରେ କାଟରା ଏବଂ ଶ୍ରୀନଗର ମଧ୍ୟରେ ଯାତ୍ରା କରିବାକୁ ପ୍ରାୟ ୩ ଘଣ୍ଟା ସମୟ ଲାଗିବ, ଯାହା ବର୍ତ୍ତମାନର ଯାତ୍ରା ସମୟକୁ ପ୍ରାୟ ୨-୩ ଘଣ୍ଟା କମାଇଦେବ।ଅଞ୍ଜି ସେତୁ ହେଉଛି ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ ଯାହା ଆହ୍ୱାନପୂର୍ଣ୍ଣ ଅଞ୍ଚଳରେ ଦେଶର ସେବା କରିବ ।

ପ୍ରଧାନମନ୍ତ୍ରୀ ଉଧମପୁର-ଶ୍ରୀନଗର ବାରାମୁଲ୍ଲା ରେଳ ଲିଙ୍କ (ୟୁଏସ୍ବିଆରଏଲ୍) ପ୍ରକଳ୍ପକୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରାୟ ୪୩,୭୮୦ କୋଟି ଟଙ୍କା ମୂଲ୍ୟର ଏହି ୨୭୨ କିଲୋମିଟର ଲମ୍ବା ୟୁଏସ୍ବିଆରଏଲ୍ ପ୍ରକଳ୍ପରେ ୩୬ଟି ସୁଡଙ୍ଗ (୧୧୯ କିଲୋମିଟର ବ୍ୟାପି) ଏବଂ ୯୪୩ଟି ସେତୁ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ କାଶ୍ମୀର ଉପତ୍ୟକା ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟରେ ସବୁଦିନିଆ, ସୁଗମ ରେଳ ସଂଯୋଗ ସ୍ଥାପନ କରିବ ଯାହା କ୍ଷେତ୍ରୀୟ ଗତିଶୀଳତାକୁ ପରିବର୍ତ୍ତନ କରିବ ଏବଂ ସାମାଜିକ-ଅର୍ଥନୈତିକ ଏକୀକରଣକୁ ଆଗେଇ ନେବାର ଲକ୍ଷ୍ୟ ରଖିଛି।

# ମାର୍ଚ୍ଚ ୨୦୨୭ରୁ ଜାତି ଜନଗଣନା

ନୂଆଦିଲ୍ଲୀ,୪।୬(ପିଆଇବି): ଦେଶରେ ୧ ମାର୍ଚ୍ଚ ୨୦୨୭ରୁ ଜାତି ଜନଗଣନା କରାଯିବ। ଏନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସରକାର ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଦୁଇଟି ପର୍ଯ୍ୟାୟରେ ଶେଷ କରିବାକୁ ଯୋଜନା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଏହି ଦିଗରେ ପଦକ୍ଷେପ ନେଇଛନ୍ତି। ସୂଚନା ଅନୁଯାୟୀ, ସମଗ୍ର ଦେଶରେ ଜାତିଗତ ଜନଗଣନା ଆରମ୍ଭ ହେବା ପୂର୍ବରୁ, ଅକ୍ଟୋବର ୨୦୨୬ରୁ ଜମ୍ମୁ ଏବଂ କଶ୍ମୀର, ଲଦାଖ, ଉତ୍ତରାଖଣ୍ଡ ଭଳି ପାହାଡ଼ିଆ ଅଞ୍ଚଳରେ ଜନଗଣନା ଆରମ୍ଭ ହେବ।କେନ୍ଦ୍ରର ମୋଦୀ ସରକାର ଏପ୍ରିଲରେ ଜାତି ଜନଗଣନା କରାଯିବ ବୋଲି ଘୋଷଣା କରି ବିରୋଧୀ ଏବଂ ରାଜନୈତିକ ବିଶେଷଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ।



ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ ଏବଂ ଏଥିରେ ସାରା ଦେଶର ପୁରୁଷ ଏବଂ ମହିଳାମାନଙ୍କୁ ପଚରାଯିବା ପାଇଁ ପ୍ରଶ୍ନର ଏକ ଲମ୍ବା ତାଲିକା ରହିବ। ଏଥିରେ ଜାତି ଏବଂ ଉପଜାତି ସହିତ ଜଡିତ ପ୍ରଶ୍ନ ମଧ୍ୟ ରହିବ।ଏପ୍ରିଲ ୩୦ରେ ସରକାର ନିଶ୍ଚିତ କରିଥିଲେ ଯେ, ଜାତି ସହିତ ଜଡିତ ପ୍ରଶ୍ନ, ଅର୍ଥା ବିଭିନ୍ନ ଜାତି ଏବଂ ଉପଜାତିର ଗଣନା ଏବଂ ପ୍ରତ୍ୟେକଟିରେ ଲୋକଙ୍କ ସଂଖ୍ୟା ପରବର୍ତ୍ତୀ ଜନଗଣନାର ଅଂଶ ହେବ।ଶେଷ ଜାତୀୟ ଜନଗଣନା ୨୦୧୧ ରେ କରାଯାଇଥିଲା। କରୋନା ମହାମାରୀ ଯୋଗୁ ୨୦୨୧ ଜନଗଣନାକୁ ସ୍ଥଗିତ ରଖିବାକୁ ପଡିଥିଲା। ଫଳରେ ୧୬ ବର୍ଷ ପରେ ୨୦୨୭ରେ ଜନଗଣନା ହେବ।କେନ୍ଦ୍ର କ୍ୟାବିନେଟ ବୈଠକରେ ଜାତି ଜନଗଣନାକୁ ଅନୁମୋଦନ କରାଯାଇଥିଲା। ବିଜେପି ଅଭିଯୋଗ କରିଥିଲା ଯେ, କଂଗ୍ରେସ ସରକାର ଜାତି ଜନଗଣନାକୁ ବିରୋଧ କରୁଛି।

ଭାରତର ଜନଗଣନା ଜନଗଣନା ଅଧିନିୟମ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହୁଏ। ଭାରତର ଶେଷ ଜନଗଣନା ୨୦୧୧ ରେ ଦୁଇଟି ପର୍ଯ୍ୟାୟରେ ଯୋଜନା କରାଯାଇଥିଲା, ଯଥା ୧) ପ୍ରଥମ ପର୍ଯ୍ୟାୟ-ଗୃହ ତାଲିକା (ଏଚଏଲଓ) (୧ ଏପ୍ରିଲରୁ ୩୦ ସେପ୍ଟେମ୍ବର ୨୦୧୦) ଏବଂ (୨) ଦ୍ୱିତୀୟ ପର୍ଯ୍ୟାୟ-ଜନ ଗଣନା (ପିଇ) (୦୯ ଫେବୃଆରୀରୁ ୨୯ ଫେବୃଆରୀ ୨୦୧୧) ସନ୍ଦର୍ଭ ତାରିଖ ସହିତ ମାର୍ଚ୍ଚ ପହିଲା, ୨୦୧୧ ମଧ୍ୟରାତ୍ର, ଜାମ୍ମୁ କାଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶର ବରଫାବୃତ ଅଣ-ସମକାଳୀନ ଅଞ୍ଚଳକୁ ଛାଡ଼ିଦେଲେ, ଯେଉଁଥିପାଇଁ ଏହା ୧୧ ରୁ ୩୦ ସେପ୍ଟେମ୍ବର ୨୦୧୦ ରେ ଅନୁଷ୍ଠିତ ହୋଇଥିଲା, ଯାହାର ସନ୍ଦର୍ଭ ତାରିଖ ଅକ୍ଟୋବର, ପହିଲା, ୨୦୧୦ ମଧ୍ୟରାତ୍ର ଥିଲା।

୨୦୨୦ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ସହିତ ସମାନ ଢଙ୍ଗରେ ଦୁଇଟି ପର୍ଯ୍ୟାୟରେ ଜନଗଣନା ୨୦୨୧ ଆୟୋଜନ କରାଯିବାର ପ୍ରସ୍ତାବ ଦିଆଯାଇଥିଲା। ୨୦୨୧ ରେ ଅନୁଷ୍ଠିତ ହେବାକୁ ଥିବା ଜନଗଣନାର ପ୍ରଥମ ପର୍ଯ୍ୟାୟ ପାଇଁ ସମସ୍ତ ପ୍ରସ୍ତୁତି ସମାପ୍ତ ହୋଇଥିଲା ଏବଂ ଏପ୍ରିଲ୍ ୧, ୨୦୨୦ ରୁ କିଛି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ କ୍ଷେତ୍ର ସ୍ତରରେ କାର୍ଯ୍ୟ ଆରମ୍ଭ ହେବାର ଯୋଜନା ଥିଲା ତେବେ ସାରା ଦେଶରେ କୋଭିଡ-୧୯ ମହାମାରୀ ବ୍ୟାପିବା କାରଣରୁ ଜନଗଣନା କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା।

# ୧୩ ବିଶ୍ୱବିଦ୍ୟାଳୟର କୁଳପତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର, ୪।୬ (ମହାଭାରତ) :** ରାଜ୍ୟର ୧୩ଟି ସରକାରୀ ବିଶ୍ୱବିଦ୍ୟାଳୟରେ ଭିସି (ଭାଇସ୍ ଚାନ୍ସେଲର) ନିଯୁକ୍ତି ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ୦୧.୧୨.୨୦୨୫ (୦୨.୧୨.୧୯୫୯ କିମ୍ବା ତା'ପରେ ଜନ୍ମ) ଅନୁଯାୟୀ ୬୬ ବର୍ଷରୁ କମ୍ ବୟସର ଯୋଗ୍ୟ ଆବେଦନକାରୀଙ୍କଠାରୁ ଆବେଦନ ଗ୍ରହଣ କରାଯିବ। ଆବେଦନକାରୀଙ୍କ ପ୍ରମାଣିତ ଶିକ୍ଷାଗତ ଏବଂ ଆଡମିନିଷ୍ଟ୍ରେଟିଭ ଏକ୍ସଲେନ୍ସି, ପ୍ରତିଷ୍ଠିତ ଶିକ୍ଷାବିତ୍ ଏବଂ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବରେ ସର୍ବନିମ୍ନ ୧୦ ବର୍ଷର ଅଭିଜ୍ଞତା କିମ୍ବା ପ୍ରତିଷ୍ଠିତ ଗବେଷଣା କିମ୍ବା ଶିକ୍ଷାଗତ ସଂଗଠନରେ ସମକକ୍ଷ ପଦବୀରେ ୧୦ ବର୍ଷର ଅଭିଜ୍ଞତା ରହିଥିବ। ତେବେ ଏହି ୧୩ଟି ବିଶ୍ୱବିଦ୍ୟାଳୟରେ ଭିସି ପୋଷ୍ଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, କଟକ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି।

# ବିଜୟ ଉତ୍ସବରେ ଦଳାଚକଟା, ୧୧ ମୃତ

ବେଙ୍ଗାଲୁରୁ,୪।୬(ମହାଭାରତ): ଆରସିବି ଦଳ ପ୍ରଥମ ଥର ଆଇପିଏଲ ୨୦୨୫ କପ୍ ଜିତିଛି ଏବଂ ଏହା ପରେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସମଗ୍ର ଦଳକୁ ସମ୍ମାନିତ କରାଯାଉଛି। କିନ୍ତୁ, ଏହି ସମ୍ମାନ ସମୟରେ ଏପରି କିଛି ଘଟିଛି, ଯାହା କେହି ଆଶା କରି ନଥିଲେ। ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଦଳାଚକଟା ହୋଇଛି। ଏଥିରେ୧୧ ଜଣଙ୍କର ମୃତ୍ୟୁ ଘଟିଛି।ଏହି ଦଳାଚକଟାରେ ୫୦ରୁ ଉର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ, ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦଳାଚକଟାରେ ମୃତକଙ୍କ ମଧ୍ୟରେ ମହିଳା ମଧ୍ୟ ଅଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ଦୁଃଖପ୍ରକାଶ କରିଛନ୍ତି। ଆରସିବି ପକ୍ଷରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି। ଆରସିବି ଦଳର ବିରାଟ କୋହଲି ଏହି ଘଟଣାରେ କହିବାକୁ କିଛି ଶବ୍ଦ ନାହିଁ ବୋଲି କହିଛନ୍ତି। କର୍ଣ୍ଣାଟକ ସରକାର ପକ୍ଷରୁ ମୃତକଙ୍କ ପରିବାର ପିଛା ୧୦ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହି ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ ୧୫ ଦିନ ମଧ୍ୟରେ ରିପୋର୍ଟ ମାଗିଛନ୍ତି। ରିପୋର୍ଟ ଅନୁସାରେ, ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆରସିବିର ବିଜୟ ଶୋଭାଯାତ୍ରାରେ ସାମିଲ ଥିବା ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠିଚାର୍ଜ କରିଥିଲା ଏବଂ ଏହା ପରେ ଦଳାଚକଟା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ, ଉତ୍ସବ ସମୟରେ



ଷ୍ଟାଡିୟମ ବାହାରେ ଓ ଭିତରେ ଭିଡ଼ ଅନିୟନ୍ତ୍ରିତ ହୋଇଥିଲା। ଫଳରେ ଦଳା ଚକଟା ସ୍ଥିତି ଉପୁଜିଥିଲା।

ଜରୁରୀକାଳୀନ ସେବା ଯୋଗାଇ ଦିଆଯାଇଥିବା ବେଳେ ଆହତଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପଛରେ ଆୟୋଜକଙ୍କ ଅବହେଳା ଓ ଭିଡ଼ ନିୟନ୍ତ୍ରଣରେ ତ୍ରୁଟି ଥିବା ଆଶଙ୍କା କରାଯାଇଛି।ପୋଲିସ ପ୍ରଶାସନ ପୂରା ଘଟଣାର ତଦନ୍ତ ଚଳାଇଛି।ଏ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ସାର୍ବଜନୀନ କରାଯାଇ ନାହିଁ। ପ୍ରଶ୍ନ ହେଉଛି, ଏହି ଦଳାଚକଟା ପଛରେ କାରଣ କ'ଣ? ଭିଡ଼ ଉପରେ ଲାଠିଚାର୍ଜ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲା? ଏହି ବଡ଼ ଦୁର୍ଘଟଣା ପାଇଁ କିଏ ଦାୟୀ? ଏହି ପ୍ରଶଂସକମାନେ ସେମାନଙ୍କ ଦଳର ବିଜୟରେ ବହୁତ ଖୁସି ଥିଲେ।

ସୂଚନାଯୋଗ୍ୟ, ଆଇପିଏଲ ୨୦୨୫ର ଫାଇନାଲରେ ଆରସିବି ପଞ୍ଜାବ କିଙ୍ଗସକୁ ୬ ରନ୍ରେ ପରାସ୍ତ କରିଥିଲାୟ ଆରସିବି ପ୍ରଥମ ଥର ପାଇଁ ଆଇପିଏଲ ଟାଇଟଲ ଜିତିଥିଲା। ଏହି ବିଜୟ ପରେ କର୍ଣ୍ଣାଟକ ସମେତ ଅନେକ ସହରରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, କିନ୍ତୁ ଏବେ ଏହି ଦଳର ବିଜୟ ଶୋଭାଯାତ୍ରା ସମୟରେ ଘଟିଥିବା ଦୁର୍ଘଟଣା ଏହି ବିଜୟକୁ ଫିକା କରିଦେଇଛି।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୧୧ ଜଣଙ୍କ ମୃତ୍ୟୁ ପରେ ବି ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଜାରି ରହିଥିଲା । ତେଣୁ ସବୁଠୁ ବଡ଼ ପ୍ରଶ୍ନ ହେଉଛି ଲୋକଙ୍କ ଜୀବନ ନେଇଥିବା ଏହି ଉତ୍ସବ ପାଇଁ ଦାୟୀ କିଏ ? ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ଆହୁରି ବଢିପାରେ ।

# ଭିଜିଲାନ୍ସ ଜାଲରେ ମହିଳା ଏଏସ୍ଆଇ

**ବ୍ରହ୍ମପୁର,୪।୬ (ମହାଭାରତ) :** ଗିରଫ ଭୟ ଦେଖାଇ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ମହିଳା ପୁଲିସ ଅଧିକାରୀ। ସେ ହେଉଛନ୍ତି ବ୍ରହ୍ମପୁର ମହିଳା ଥାନାର ଏଏସ୍ଆଇ ବବିତା ସୁନା। ଏଏସ୍ଆଇ ବବିତା ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଛନ୍ତି। କେସ୍ ନମ୍ବର ୭/୨୫ରେ ତାଙ୍କୁ ଗିରଫ କରାଯାଇଛି।

ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ମହିଳା ଥାନାରେ ଯୌତୁକ ନିର୍ଯାତନା ତଥା ଘରୋଇ ହିଂସା ମାମଲା ଦାଏର କରିଥିଲେ। ଯାହାର ତଦନ୍ତକାରୀ ଅଧିକାରୀ ହେଉଛନ୍ତି ଏଏସ୍ଆଇ ବବିତା। ଏହାପରେ ଏଏସ୍ଆଇ ବବିତା ଏତଲାକାରୀଙ୍କ ସ୍ୱାମୀ ଓ ଶାଶୂଙ୍କୁ ଗିରଫର ଭୟ ଦେଖାଇଥିଲେ। ଏହା ସହିତ ଯୌତୁକ ବାବଦରେ ପାଇଥିବା ସମସ୍ତ ସାମଗ୍ରୀ ଫେରସ୍ତ କରି ନିଆଯିବ ବୋଲି କହିଥିଲେ। ମାମଲା ରଫାଦଫା କରିବାକୁ ୧୦ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ଏଏସ୍ଆଇ କହିଥିଲେ। ଫଳରେ ବାଧ୍ୟ ହୋଇ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କ ଆଜି ମହିଳା ଥାନାକୁ ଯାଇ ଏଏସ୍ଆଇ ବବିତାଙ୍କୁ ଭେଟିଥିଲେ। ଦାବି ମୁତବାକ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଲାଞ୍ଚ ଟଙ୍କା ଦେଇ ସାରିବା ପରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ସେଠାରେ ଚଢ଼ଉ କରିଥିଲା। ଭିଜିଲାନ୍ସ ଟିମ୍ ଲାଞ୍ଚ ବାବଦ ଟଙ୍କା ଜବତ କରିବା ସହିତ ଏଏସ୍ଆଇ ବବିତାଙ୍କୁ ଗିରଫ କରିଥିଲା।

# ବାପାଙ୍କ ମୃତ୍ୟୁ ଖବର ଶୁଣି କୂଅକୁ ଡେଇଁଲା ଝିଅ

**ଭୁବନେଶ୍ୱର,୪।୬(ମହାଭାରତ):** ବାପାଙ୍କ ମୃତ୍ୟୁ ଖବର ଶୁଣି କୂଅକୁ ଡେଇଁପଡ଼ିଲେ ଝିଅ। ଅଗ୍ନିଶମ ବାହିନୀ କୂଅରୁ ଝିଅକୁ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ସୌଭାଗ୍ୟ ବଶତଃ ଝିଅଟି ସାମାନ୍ୟ ଆହତ ହୋଇଥିଲେ। ମେଡ଼ିକାଲରେ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ବାରଙ୍ଗ ଥାନା ଦାଡାପାଟଣା ଗ୍ରାମରେ ଘଟିଛି ଏଭଳି ଘଟଣା। ଝିଅଟିର ବାପା ସୁକାନ୍ତ ସାହୁ ଅସୁସ୍ଥ ଥିଲେ। କିଛି ଦିନ ହେବ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆଜି ସକାଳୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପାଇ ବଡ ଝିଅ ନିଜର ହିତାହତ ଜ୍ଞାନ ହରାଇ ଘର ନିକଟରେ ଥିବା କୂଅକୁ ଡେଇଁ ପଡ଼ିଥିଲେ। ପରିବାର ଲୋକ କୂଅରୁ ଝିଅକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

## ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ

# ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ

ଭୁବନେଶ୍ୱର,୪।୬(ମହାଭାରତ): ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡିଶାରେ କେହିବି ଭୂମିହୀନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର। ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ବାତ୍ୟା ଦାନା'ର ସଫଳ ମୁକାବିଲା କରାଯାଇଛି। 'ଜିରୋ କାଜୁଆଲ୍ଟି' ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ ୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି । ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ- ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ



ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ। ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁଷ ଜମିଜମା ସକ୍ରାନ୍ତୀୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ।ସେ ପୁଣି କହିଥିଲେଯେ, ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣୟ ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ। ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହିତ କରିବାକୁ ହେବ। ସରକାର ବର୍ତ୍ତମାନ ଧାନ କିଣିବା ପାଇଁ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଛନ୍ତିୟ କିନ୍ତୁ, କେଉଁ ଚାଷୀ କେତେ ଜମିରେ ପ୍ରକୃତ ଚାଷ କରିଛନ୍ତି ତାହାର ଜମିୱାରୀ ଭେରିଫିକେଶନ ହେବା ଆବଶ୍ୟକ ଯାହା ରାଜସ୍ୱ, ସମବାୟ, କୃଷି ଏବଂ ଜଳସେଚନ ବିଭାଗ ଦ୍ୱାରା ମିଳିତ ଭାବେ ହୁଏୟ ତେଣୁ, ସଠିକ ତଥ୍ୟ ଆସିବା ଦରକାର, ଯାହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରକୃତ ଚାଷ କରିଥିବା ଫସଲ ପାଇଁ ସୁବିଧା ପାଇବେ।

କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ। ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ। ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ। ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡିବ ଆପଣମାନେ ନିଜର ମାନସିକତା ବଦଳାନ୍ତୁ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ବର୍ତ୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ। ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ପୂଜାରୀ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀ ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବମନୋଜ ଆହୁଜା ଏବଂ ଉନ୍ନୟନ କମିଶନର, ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ।ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

# କଦଳୀପତ୍ର ସୋରିଷ ପନିର

ଆବଶ୍ୟକ ସାମଗ୍ରୀ: ପନିର, କଦଳୀପତ୍ର, ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ, ଲୁଣ, ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ କିଛି ପନିର ଆଣନ୍ତୁ। ତାଙ୍କୁ ଲମ୍ବା ଲମ୍ବା କରି କାଟି ରଖନ୍ତୁ। ପରେ କଦଳୀ ପତ୍ର ଆଣି ତାକୁ ନିଆଁରେ ସେକି ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁୟ ତେଲ ଗରମ ହୋଇଯିବା ପରେ କଟା ପନିରକୁ ଛାଣନ୍ତୁ।ଏହା ଛାଣି ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ଏହା ପରେ ପନିରରେ ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ପରେ ସେକା କଦଳୀ ପତ୍ରରେ ମସଲା ଗୋଳା ପନିରକୁ ଗୋଡ଼ାଇ ରଖନ୍ତୁ। ତା'ପରେ ତାୱାରେ ଅଳ୍ପ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବାପରେ କଦଳୀପତ୍ର ଗୋଡ଼ା ପନିରକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖ ହୋଇଯିବା ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଦଳୀପତ୍ର ସୋରିଷ ପନିର। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।



## ପରଦା ଖବର

# ବାହୁଡା ପୂର୍ବରୁ ମୁକ୍ତିଲାଭ କରିବ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'




ରୁପେଲି ପରଦାରେ ପ୍ରଦର୍ଶିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର । ସିନେମା ମାଧ୍ୟମରେ ଦର୍ଶକ ଦେଖିବେ ଜାଗାର ଅଲୌକିକ ନୀତିକାନ୍ତ। ଯୋଡ଼ା ଆଷାଢ଼ ପଡିଲେ ପରିବର୍ତ୍ତନ ହୁଏ ମହାପ୍ରଭୁ ଜଗନ୍ନାଥଙ୍କ ଘଟ। କ'ଣ ପାଇଁ ପଡିଲା ନବକଳେବରର ଆବଶ୍ୟକତା ଓ କେବେ ଆରମ୍ଭ ହୋଇଥିଲା ନବକଳେବର, ତାହା ହିଁ ଏ କାହାଣୀର ମୁଖ୍ୟ କଥାବସ୍ତୁ।ଜଗନାଥଙ୍କ ମୂର୍ତ୍ତିକୁ ଦାରୁମୁର୍ତ୍ତି କୁହାଯାଏ। ଦାରୁମୁର୍ତି ନଷ୍ଟ ହେବାର ସମ୍ଭାବନା ଥାଏ। କଳାପାହାଡ଼ ଆକ୍ରମଣ ସମୟରେ ଜଗନ୍ନାଥଙ୍କ ବିଗ୍ରହକୁ ନେଇ ଗଙ୍ଗାନଦୀ କୂଳରେ ନିଆଁ ଲଗାଇ ପୋତି ଦିଆଯାଇଥିଲା। ଯେତେବେଳେ ଦାରୁମୁର୍ତି ନଷ୍ଟ ହେବାର ପ୍ରଶ୍ନ ଉଠିଲା ସେତେବେଳେ ଆରମ୍ଭ ହୋଇଥିଲା ନବକଳେବର। ୧୫୭୫ ମସିହାରେ ପ୍ରଥମ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ହୋଇଥିଲା ପ୍ରଥମ ନବକଳେବର। ମହାପ୍ରଭୁ ମାନବୀୟ ଲୀଳା କରନ୍ତି । ବିଶ୍ଵବ୍ୟାପୀ ଜଗଓାଥଙ୍କ ପ୍ରଚର ପ୍ରସାରକୁ ନେଇ ଆମେ ,ଶ୍ରୀ ଜଗନ୍ନାଥଙ୍କ ନବକଳେବର ସିନେମା ଯୋଜନା କରିଛୁ, କହିଛନ୍ତି ପ୍ରଯୋଜକ ତଥା ନିର୍ଦ୍ଦେଶକ ବିନି ସାମଲ।

# ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ। ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ 'ବୈକୁଣ୍ଠ ଚତୁର୍ଦ୍ଦଶୀ' ନାମରେ ପାଳନ କରାଯାଏ। ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

# ଶରୀରର ହାଡ଼କୁ ମଜବୁତ କରିବ ୩ଟି ଡ୍ରାଇ ଫ୍ରୁଟ୍

ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲମ୍ଫେଇକି କୁହନ୍ତ। ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି। ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ। ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ ।ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ ଚମତ୍କାରିତା ଦେଖାଦେବ ।ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ । ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ । ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ ୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ ।ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ । ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ । ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ । ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ୍ୟ ଥାଏ ।




# ତମ୍ବା ପାତ୍ରରେ ପାଣି ପିଇଲେ ପାଖ ମାଡିବନି କର୍କଟ




ଚଳିଛି ଗ୍ରୀଷ୍ମ ଋତୁ। ଦିନକୁ ଦିନ ବଢି ଚାଲିଛି ଖରାର ପ୍ରକୋପ । ଅତ୍ୟଧିକ ଖରା ଯୋଗୁଁ ଯେଉଁ ଗରମ ହେଉଛି ସେଥିରେ ସମସ୍ତେ ଥଣ୍ଡା ଥିବା ପାଣି ପିଇବାକୁ ପସନ୍ଦ କରୁଛନ୍ତି । ସେଥିଲାଗି ଏବେ ଘରେ ଘରେ ଥଣ୍ଡା ପାଣି ପିଇବା ପାଇଁ ପ୍ଲାଷ୍ଟିକ୍ ବୋତଲରେ ପାଣି ଭରି ଫ୍ରିଜରେ ରଖିବା ଆରମ୍ଭ ହୋଇଗଲାଣି । କିନ୍ତୁ ଆପଣ ଜାଣନ୍ତି କି, ପ୍ଲାଷ୍ଟିକ ବୋତଲରେ ପାଣି ପିଇବା ଆମ ଶରୀର ପାଇଁ କେତେ କ୍ଷତିକାରକ । ମାତ୍ର ଆପଣ ଯଦି ତମ୍ବା ପାତ୍ରରେ ପାଣି ରଖି ପିଇବା ତାହାଲେ ତାହା ଦେହ ପାଇଁ ହିତକର । ଅର୍ଥାତ୍ ତମ୍ବାରେ ତିଆରି ପାତ୍ରରେ ରଖାଯାଇଥିବା ପାଣି ଅନେକ ଗୁଣରେ ପରିପୂର୍ଣ୍ଣ ହୋଇଥାଏ । ଏହି ପାତ୍ରରେ ରଖାଯାଇଥିବା ପାଣି ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆର୍ଟିଅକ୍ସିଡା□ ଗୁଣରେ ଭରପୂର । ଜାଣନ୍ତୁ ତମ୍ବା ପାତ୍ରରେ ପାଣି ରଖି ପିଇଲେ କଣ ସବୁ ଫାଇଦା ମିଳେ । ହଜମ ପ୍ରକ୍ରିୟା ବଢାଏ- ତମ୍ବା ପାତ୍ରରେ ପାଣି ପିଇବାର ଲାଭ ଅନେକ ୟ ଯାହା ଆମ ହଜମ ଶକ୍ତିକୁ ବଢାଇବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଭାଇରାଲ୍ ଗୁଣ ପାଚନ ତନ୍ତ୍ରରେ ଥିବା ବ୍ୟାକ୍ଟେରିଆ ଏବଂ ଭାଇରସକୁ ମାରିବାରେ ସହାୟକ ହୋଇଥାଏ । ଯାହାଦ୍ୱାରା ପେଟ ସମସ୍ୟା ଦୂର ହୁଏ ଏବଂ ପାଚନକ୍ରିୟା ଠିକ୍ ରୁହେ ।ତମ୍ବା ପାତ୍ରରେ ପାଣି ରଖି ପିଇବା ଦ୍ୱାରା ଶରୀରରେ କୋଲାଜେନର ଉତ୍ପାଦନ ବୃଦ୍ଧି ପାଏ । ଯାହାଦ୍ୱାରା ଚର୍ମରେ କୁଞ୍ଚନ କମିଯାଏ ଏବଂ ଚର୍ମ ଉଜ୍ଜ୍ୱଳ ହୁଏ ୟ ଏହା ସହିତ, ମେଲାନିନର ଉତ୍ପାଦନ ମଧ୍ୟ ବୃଦ୍ଧି କରେ । ଯାହା ଯୋଗୁଁ କେଶର ରଙ୍ଗ ମଧ୍ୟ ଗାଢ କଳା ରହିଥାଏ ୟତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରୁହେ ୟ ମେଲାନିନର ଉତ୍ପାଦନ ବୃଦ୍ଧି ଆଖି ପାଇଁ ବହୁତ ଲାଭଦାୟକ ୟଯଦି ଆପଣ ନିୟମିତ ଭାବରେ ତମ୍ବା ପାତ୍ରରେ ପାଣି ପିଅନ୍ତି, ତେବେ ଏହା କର୍କଟ ରୋଗର ଆଶଙ୍କା କମ୍‌କରିବାରେ ସାହାଯ୍ୟ କରେ ୟତେବେ ତମ୍ବା ପାତ୍ରରେ ପାଣି ଭରି ରଖିବାର ସଠିକ୍ ସମୟ ହେଉଛି ରାତି । ରାତିସାରା ତମ୍ବା ପାତ୍ରରେ ପାଣି ରହିବା ଦ୍ୱାରା ତମ୍ବା ଉପାଦାନଗୁଡ଼ିକ ପାଣିରେ ଦ୍ରବୀଭୂତ ହୋଇଯାଏ ଏବଂ ଏହି ପାଣି ଅଧିକ ସ୍ୱାସ୍ଥ୍ୟକର ହୋଇଥାଏ ।

# ବୀର ଗୋଗା ଦେବଙ୍କ କଥା



ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଢ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା। ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

# ପୁରୀରୁ ଦେଶର ୫ ଧାର୍ମିକ ସ୍ଥଳୀକୁ ଚାଲିବ



**ଭୁବନେଶ୍ୱର/ପୁରୀ,୪।୬ (ମହାଭାରତ):** ଯାତ୍ରୀ ଓ ଶ୍ରଦ୍ଧାଳୁ ମାନଙ୍କୁ ଉନ୍ନତ ମାନର ବସ ସେବା ଯୋଗାଇବା ଲକ୍ଷ୍ୟ ରେ ପୁରୀ ଠାରୁ ତିରୁପତି, ଅଯୋଧ୍ୟା,ଉଜ୍ଜୟିନୀ,ହାଇଦ୍ରାବାଦ ଓ ଭିଲାଇ ପର୍ଯ୍ୟନ୍ତ ସୁପର ପ୍ରିମିୟମ ବସ ସେବା ସହ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା (ଆଇଇଏମଏସ) ର ଶୁଭାରମ୍ଭ ହୋଇଛି। ମାଳତୀ ପାଟପୁର ବସ ଷ୍ଟାଣ୍ଡ ଠାରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବସ ସେବା ଓ ଆଇଇଏମଏସ ର ଶୁଭାରମ୍ଭ କରିଥିଲେ। ଓଡିଶା ରାଜ୍ୟ ପରିବହନ ବିଭାଗ ଦ୍ୱାରା ଏହି ବସ ସେବା ଆରମ୍ଭ ହୋଇଛି। ଏହି ବସରେ ଯାତ୍ରୀମାନେ ବେଶ ବିଳାସପୂର୍ଣ୍ଣ ଏବଂ ଆରାମଦାୟକ ଯାତ୍ରା କରିପାରିବେ। ତେବେ ଏହି ବସ ସେବା ରାଜ୍ୟ ବାହାରକୁ ଚଳାଚଳ କରିବ। ସେଥିପାଇଁ ଓଏସଆରଟିସି ତରଫରୁ ସବୁ ବ୍ୟବସ୍ଥା କରାଯାଇଛି। ମୁଖ୍ୟତଃ ପୁରୀରୁ ଦେଶର ପ୍ରମୁଖ ଧାର୍ମିକପିଠଗୁଡିକୁ ଏହି ବସ ସଂଯୋଗ କରିବ।

କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ସଡକ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏ ବର୍ଷକ ମଧ୍ୟରେ ପ୍ରାୟ ସବୁ ପୂରଣ କରିଛନ୍ତି। ସରକାର ଆଜି ୮ ଟି ସୁପର ପ୍ରିମିୟମ ବସ ସେବା ଆରମ୍ଭ କରିଛନ୍ତି। ତେବେ ପୁରୀ କୁ ଗୁରୁତ୍ୱ ଦେଇ ୫ ଟି ବସ ପୁରୀ ରୁ ଯାଉଛି। ଏହି ବସ ମାଳତୀ ପାଟପୁର ରୁ ତିରୁପତି, ଅଯୋଧ୍ୟା, ଉଜୟିନୀ ହାଇଦ୍ରାବାଦ ଓ ଭିଲାଇ କୁ ଯିବ ବୋଲି ଡା ପାତ୍ର କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ,ପରିବହନ ବିଭାଗ ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଓ ଡା ଦେବେନ୍ଦ୍ର ନାଥ ତରାଇ ପ୍ରମୁଖ ଯୋଗ ଦେଇ ସରକାରଙ୍କ ର ଏହି ପଦକ୍ଷେପ ଦ୍ୱାରା ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କର ଗମନାଗମନ ସୁନ୍ଦର, ସୁଖଦ ଓ ଶୃଙ୍ଖଳିତ ହୋଇ ପାରିବ ବୋଲି କହିଥିଲେ। ସଡକ ସୁରକ୍ଷା ର ନିୟମ ମାନି ସୁରକ୍ଷିତ ଭାବେ ଘରକୁ ଫେରିବାକୁ ସେମାନେ ଅନୁରୋଧ କରିଥିଲେ। ଏହି ଆରାମ ଦାୟକ ବସସେବାରେ ମହିଳା ମାନଙ୍କ ପାଇଁ ଶତକଡା ୫୦ ଭାଗର ରିହାତି ରହିଛି। ଏହି ବସ ମାଳତୀ ପାଟପୁର ରୁ ତିରୁପତି, ଅଯୋଧ୍ୟା ଓ ଉଜୟିନୀ କୁ ପ୍ରତି ସପ୍ତାହରେ ଥରେ ଯିବା ଆସିବା କରିବ। ସେହିପରି ହାଇଦ୍ରାବାଦ ଓ ଭିଲାଇ କୁ ଦୈନିକ ବସ ଯିବା ଆସିବା କରିବ ବୋଲି ପୁରୀ ପରିବହନ ନିଗମ ମ୍ୟାନେଜର ରଶ୍ମି ସାମଲ ସୂଚନା ଦେଇଥିଲେ। ଅପରପକ୍ଷରେ ଆଇଇଏମଏସ ବ୍ୟବସ୍ଥା ଦ୍ୱାରା ବେଗ ନିୟନ୍ତ୍ରଣ ସହ ଦୁର୍ଘଟଣା କୁ ପ୍ରତିହତ କରାଯାଇ ପାରିବ। ପୂର୍ବରୁ ପୁରୀ ରୁ ଉତ୍ତରା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଥିବା ବେଳେ ବର୍ତ୍ତମାନ ପୁରୀ ରୁ କୋଣାର୍କ ଓ କୋଣାର୍କ ରୁ ପିପିଲି ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହି ବ୍ୟବସ୍ଥା ଦ୍ୱାରା ସିସିଟିଭି ମାଧ୍ୟମରେ ନିର୍ଦ୍ଧାରିତ ବେଗ ଠାରୁ ଅଧିକ ଗତି ରେ ଗଲେ ତାହାର ଚିହ୍ନଟ କରି ସିଧାସଳଖ ଉଲ୍ଲଘଂନ କାରୀ ଙ୍କ ପାଖକୁ ଚାଲାଣ ପହଞ୍ଚିଯିବ ବୋଲି ଆରଟିଓ ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନୋଡାଲ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ଏସଡିପିଓ ଆର ଏନ ଭଞ୍ଜ ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପରିବହନ ବିଭାଗ ର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ 'ଏକ୍ସ-ଚେଞ୍ଜ ପ୍ରୋଗ୍ରାମ୍' ଏବଂ 'ଲଞ୍ଚପ୍ୟାଡ୍ ୨୦୨୫'



**ଭୁବନେଶ୍ୱର, ୪।୬ (ମହାଭାରତ):** ରାଜ୍ୟରେ ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବାସହ ନବସୃଜନର ସମ୍ଭାବନାକୁ ବଢାଇବା ପାଇଁ ଏମଏସଏମଇ ବିଭାଗ ସହାୟତାରେ ଷ୍ଟାର୍ଟଅପ୍ ଓଡ଼ିଶା,'ଏକ୍ସ-ଚେଞ୍ଜ ପ୍ରୋଗ୍ରାମ୍' ଏବଂ 'ଲଞ୍ଚପ୍ୟାଡ୍ ୨୦୨୫ ଆୟୋଜିତ ହୋଇଯାଇଛି।

ଭୁବନେଶ୍ୱରର ଓ-ହବ୍, ଓଡ଼ିଶା ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ ସେଣ୍ଟରରେ ଆୟୋଜିତ କର୍ମଶାଳାରେ ଇନକ୍ୟୁବେଟର୍ ମାନଙ୍କୁ ଦକ୍ଷତା ବିକାଶ ଓ ନବସୃଜନର ବିଭିନ୍ନ ଦିଗ ଉପରେ ତାଲିମ ଦିଆଯାଇଥିଲା। ଏହା ସହ ଷ୍ଟାର୍ଟଅପ୍ ଓଡ଼ିଶା ଲଞ୍ଚପ୍ୟାଡ୍ ୨୦୨୫ : ଇନକ୍ୟୁବେଟର ଇଣ୍ଡକ୍ସନ୍ ଏବଂ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଅଧୀନରେ ୯ ଟି ନୂତନ ସ୍ୱୀକୃତିପ୍ରାପ୍ତ ଇନକ୍ୟୁବେଟରକୁ ଆନୁଷ୍ଠାନିକ ଭାବରେ ଏହାର ନେଟୱାର୍କରେ ସାମିଲ କରାଯାଇଛି। ଏହି ଇନକ୍ୟୁବେଟର ଗୁଡ଼ିକ ହେଉଛନ୍ତି ଆଇ. ଆଇ. ଏମ. ସମ୍ବଲପୁର ଆଇ-ହବ୍ ଫାଉଣ୍ଡେସନ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଷ୍ଟାର୍ଟଅପ୍ ଫୋରମ୍, ଓ. ଏ. ଏସ. ଏମ. ଇ. କାଉନସିଲ୍ ଫର୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ଦାସାରୀ ବିକାଶ ଗ୍ରାମୀଣ ଉଦ୍ୟୋଗୀତା ଏବଂ ନବସୃଜନ ଫାଉଣ୍ଡେସନ୍, ସେଞ୍ଚୁରିଆନ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଏଣ୍ଟରପ୍ରିନ୍ୟୁରସିପ୍ ଫେସିଲିଟେସନ୍ ସେଣ୍ଟର, ସି. ଭି. ଆର. ସି. ଇ. ଟେକ୍ନୋଲୋଜି ଇନକ୍ୟୁବେଟର ଫାଉଣ୍ଡେସନ୍, କ୍ରୁସିବଲ୍ ଇନୋଭେସନ୍ ଫୋରମ୍, ଏନ. ଆଇ. ଏସ. ଟି. ଇନକ୍ୟୁବେସନ୍ ଫାଉଣ୍ଡେସନ୍, ଏବଂ ଜି ଆଇ ଟି ଏ ଇନକ୍ୟୁବେସନ୍ ଫାଉଣ୍ଡେସନ। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଏ ଆଇ ସି ଟି-ହବର ସିଇଓ ରାଜେଶ କୁମାର ଆଡଲା, ଯୁଗ୍ମ ସଚିବ, ଶ୍ରୀ କମଲଜିତ ଦାସ, ଓଡ଼ିଶାର ଷ୍ଟାର୍ଟଅପ୍ ନୀତି, ସୁଦକ୍ଷ ମାନବ ସମ୍ବଳ ସୃଷ୍ଟି, ସମନ୍ୱିତ ପ୍ରୟାସ ଓ ଏକ ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଠନପାଇଁ ପାଇଁ ରାଜ୍ୟର ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ପ୍ରେରିତ କରିଥିଲେ ଯଥା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତମୁଖ୍ୟ ଶାସନ ସଚିବ ତଥା ଷ୍ଟାର୍ଟଅପଓଡ଼ିଶାର ଅଧ୍ୟକ୍ଷ ହେମନ୍ତ ଶର୍ମା। ଓଡ଼ିଶାର ଷ୍ଟାର୍ଟଅପ ପରିବେଶ ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

# ଅବକାରୀ ବିଭାଗ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ



**ଖୋର୍ଦ୍ଧା,(ମହାଭାରତ): :** ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିଶା ଦ୍ରବ୍ୟ ବ୍ୟବହାରର କୁ ପ୍ରଭାବ ଓ ଚୋରା ମାଦକ ଦ୍ରବ୍ୟ କାରବାର କୁ ରୋକିବା ଉଦ୍ଦେଶ୍ୟରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପ୍ରସ୍ତୁତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା ସ୍ମୃତି ତ୍ରିପାଠୀ ଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଏବଂ ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇ ଥିଲେ। ଉକ୍ତ ସଚେତନତା ରଥ ସମଗ୍ର ଜିଲ୍ଲାର ବ୍ଲକ ସଦର ମହକୁମା, ପଂଚାୟତ ସଦର ମହକୁମା, ଏପରିକି ଗ୍ରାମ ର ବଜାର ଓ ଲୋକ ଗହଳି ସ୍ଥାନ ମାନଙ୍କରେ ନିଶା ସେବନର କରାଳ କୁ ପ୍ରଭାବ ନିଶା ସେବନ ପ୍ରତ୍ୟାହାର ଓ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଘରେ ଘରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଜିଲ୍ଲାରେ ଏହି ମହତ କାର୍ଯ୍ୟକ୍ରମ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ପ୍ରକାଶ କରିଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ଏନଫୋର୍ସମେଣ୍ଟ ଟିମ୍ ମଧ ମାଦକ ଦ୍ରବ୍ୟ ଚୋରା କାରବାର ଦିଗରେ ଚଢାଉ ଜାରି ରଖିବା ସହ ସଚେତନତା କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳତା ପାଇଁ ଜିଲ୍ଲାପାଳ ଅବକାରୀ ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି । ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସମସ୍ତ କାର୍ଯ୍ୟନ୍ୱୟନ ବିଭାଗ ମାନେ ସେମାନଙ୍କ ଅଧୀନ ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦି, ସ୍ୱେଚ୍ଛାସେବୀ ସଂଗଠନ, ଯୁବଗୋଷ୍ଠୀ,ମିସନ ଶକ୍ତି ମା' ମାନେ , ଜନପ୍ରତିନିଧି,ଗଣ ମାଧ୍ୟମ ପ୍ରତିନିଧି ସମସ୍ତେ ପ୍ରଚେଷ୍ଟା ଜାରି ରଖି ଏକ ସୁସ୍ଥ, ନିରାମୟ, ପ୍ରଗତିଶୀଳ ସମାଜ ଗଠନ ସହ ଖୋର୍ଦ୍ଧା ଜିଲ୍ଲାକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି।

# ଶିମିଳିପାଳ ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



**ଭୁବନେଶ୍ୱର,୪।୬ (ମହାଭାରତ)** ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଭାଗୀୟ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲାର ବିଧାୟକମାନଙ୍କ ସହ ଶିମିଳିପାଳ ଜୈବମଣ୍ଡଳର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, କରଞ୍ଜିଆ। ବିଧାୟକ ପଦ୍ମଚରଣ ହାଇବୁରୁ, ବାଙ୍ଗୀରିପୋଷୀ ବିଧାୟିକା ସାଞ୍ଜାଲି ମୁର୍ମୁ ଓ ସରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଶିମିଳିପାଳ ସମ୍ବନ୍ଧୀୟ ବହୁ ତଥ୍ୟ ପ୍ରଦାନ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ଉଚ୍ଚସ୍ତରୀୟ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ଓ ବିଭାଗୀୟ ଅନ୍ୟ ଉଚ୍ଚାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପରିବେଶ ସମ୍ବେଦନଶୀଳ କ୍ଷେତ୍ରର ପରିଚାଳନାକ୍ଷେତ୍ରରେ ଅନୁମୋଦିତ ଜୋନାଲ ମାଷ୍ଟରପ୍ଲାନ ଅନୁଯାୟୀ ପରିବେଶ ସମ୍ବେଦନଶୀଳଜୋନ୍ ବିଜ୍ଞପ୍ତି ପାଇଁ ତଦାରଖ କମିଟିଗଠିତ ହେବ। ଏହି କମିଟିରେ ମୟୂରଭଞ୍ଜ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ। ଜିଲ୍ଲାପାଳ , କେନ୍ଦୁଝର/ତାଙ୍କ ପ୍ରତିନିଧି ;ଡିଏଫଓ ତଥା ବନ୍ୟପ୍ରାଣୀ ୱାର୍ଡେନ - ବାରିପଦା, କରଞ୍ଜିଆ।, ରାଇରଙ୍ଗପୁର ଏବଂ କେନ୍ଦୁଝର ଡିଭିଜନ, ଆନନ୍ଦପୁର;ପୋଲିସ ଅଧୀକ୍ଷକ, ମୟୂରଭଞ୍ଜ ;ପୋଲିସ ଅଧୀକ୍ଷକ, କେନ୍ଦୁଝର/ପୁଲିସ ଅଧୀକ୍ଷକ, କେନ୍ଦୁଝରର ପ୍ରତିନିଧି; ଅଣ-ସରକାରୀ ସଂଗଠନର ପ୍ରତିନିଧି ପରିବେଶ କ୍ଷେତ୍ରରେ କାର୍ଯ୍ୟ କରିଥିଲେ (ପିସିସିଏଫ (ବନ୍ୟପ୍ରାଣୀ), ଓଡ଼ିଶା ଦ୍ୱାରା ତିନି ବର୍ଷ ପାଇଁ ମନୋନୀତ ହେବେ), ଓଡ଼ିଶା ରାଜ୍ୟପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ମୟୂରଭଞ୍ଜ ଜିଲ୍ଲାସ୍ଥାନୀୟ ଗ୍ରାମ ପଞ୍ଚାୟତ ସଂସ୍ଥାରୁ ଜଣେ ପ୍ରତିନିଧି, ଆନନ୍ଦପୁର ସବଡିଭିଜନ, କେଉଁଝରେ ଜିଲ୍ଲାସ୍ଥାନୀୟ ଗ୍ରାମ ପଞ୍ଚାୟତ ସଂସ୍ଥାରୁ ଜଣେ ପ୍ରତିନିଧି, ପରିବେଶ କ୍ଷେତ୍ରରେ ଜଣେ ବିଶେଷଜ୍ଞ (ତିନି ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରାମନୋନୀତ ହେବେ)କମିଟିରେ ସଦସ୍ୟ ରହିବେ। ଉପ-ନିର୍ଦ୍ଦେଶକ, ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନସଦସ୍ୟ- ସଚିବ ଭାବେ କାର୍ଯ୍ୟ କରିବେ।ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ, କୃଷି, ରାଜସ୍ୱ, ନଗର ଉନ୍ନୟନ, ପର୍ଯ୍ୟଟନ,ଗ୍ରାମ୍ୟ ଉନ୍ନୟନ,ଜଳସେଚନ, ପଞ୍ଚାୟତିରାଜ,ପୂର୍ତ୍ତ, ଖଣି, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିଉନ୍ନୟନ ବିଭାଗ, ଏବଂ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହିତ ପରାମର୍ଶ କରି ଜୋନାଲ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବ।

# ଅଗ୍ନିକାଣ୍ଡ ପାଇଁ ଟ୍ରେନ୍ ଛାଡିବାରେ ବିଳମ୍ବ

**ବସ୍ତା,୪।୬ (ମହାଭାରତ) :** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା, ରୂପସା ଓ ଅମର୍ଦ୍ଦାରୋଡ ଷ୍ଟେସନରେ ତେଜସ ଏକ୍ସପ୍ରେସରେ ନିଆଁ ଲାଗିବାରୁ ଦେଢ଼ଘଣ୍ଟା ବିଳମ୍ବରେ ଟ୍ରେନଟି ଛାଡିଥିଲା। ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଟ୍ରେନ୍ ନମ୍ବର ୨୨୮୧୧ 'ତେଜସ୍ ଏକ୍ସପ୍ରେସ୍' ନିଆଁ ଲାଗିବା ଭଳି ଘଟଣା ଦେଖିବାକୁ ମିଳିଛି, ଯେଉଁଥି ପାଇଁ ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନରେ ଏହି ଟ୍ରେନ ଦୀର୍ଘ ଦେଢ଼ ଘଣ୍ଟା ଅଟକି ଥିବା ଦେଖିବାକୁ ମିଳିଛି। ଅବଶ୍ୟ ଏହି ଘଟଣା ମନୁଷ୍ୟ କୃତ୍ୟ ହୋଇନଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟରୁ ଏଭଳି ଘଟଣା ଘଟିଥିଲା।

ଆଜି ଭୁବନେଶ୍ୱରରୁ ଏହି ଟ୍ରେନ୍ ସକାଳ ୧୦.୩୬ ମିନିଟରେ ଛାଡ଼ି ନୂଆଦିଲ୍ଲୀ ଅଭିମୁଖେ ବାହାରିଥିବା ବେଳେ ବାଲେଶ୍ୱର ଷ୍ଟେସନରେ ମଧ୍ୟାହ୍ନ ଗୋଟାଏ ଛତିଶରେ ପହଞ୍ଚି ପୁଣି ୧.୩୭ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନଟି ୨.୦୪ ମିନିଟ ବେଳେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଫଳରେ ଟ୍ରେନ ଲାଇନ ପାଖରେ ଥିବା କୌଣସି ବ୍ୟକ୍ତିଙ୍କ ନଡ଼ିଆ। ଗଛରୁ ନଡିଆ। ବାହୁଙ୍ଗା ଖସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ। ବାହୁଙ୍ଗାଟି ଜଳିଥିଲା।ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଟ୍ରେନ ଲୋକ ପାଇଲଟ ବସ୍ତା ଷ୍ଟେସନରେ ଟ୍ରେନଟିକୁ ଅଟକାଇ ଥିଲେ। ପରେ ନିଆଁ ଲାଗିଥିବା ନଡିଆ ବାହୁଙ୍ଗାକୁ ବାହାର କରିବା ପରେ ଟ୍ରେନ ଯାତ୍ରା ଆରମ୍ଭ କରିଥିଲା।

# ବିଭିନ୍ନ ଅଞ୍ଚଳରେ ପବନ ସହ ପ୍ରବଳ ବର୍ଷା

**ଫୁଲବାଣୀ, ୪।୬ (ମହାଭାରତ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ। ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ପବନ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡିବା ସହ ଯାତାୟତ ମଧ ବାଧା ପ୍ରାପ୍ତ ହୋଇଛି। ଦିନ ତମାମ ପ୍ରବଳ ଖରା ହୋଇଥିବା ବେଳେ ଅପରାହ୍ନ ୩ଟା ପରେ ପ୍ରବଳ ଘଡଘଡି ବିଜୁଳି ସହ ପବନ ବହି ବର୍ଷା ହୋଇଥିଲା। ବର୍ଷାରେ ଭୃଙ୍ଗି ଯୋଡି ପଞ୍ଚାୟତର କଡୁରାହା ଗାଁ



ରାସ୍ତାରେ ପ୍ରବଳ ବର୍ଷା ପବନରେ ଗଛ ଭାଙ୍ଗି ପଡିବାରୁ ତଳେ ରଖାଯାଇଥିବା ଡାଲା ବୋଲେରୋରେ ପଡିଥିଲା। ଗଛ ପଡିବା ଦ୍ୱାରା ଡାଲା ଗାଡିର କିଛି ଭାଙ୍ଗି କ୍ଷତି ହୋଇଥିଲା । ପରେ ଗାଁ ଲୋକେ ଫିରିଙ୍ଗିଆ। ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିବା ପରେ ଘଟଣାସ୍ଥଳରେ ଫିରିଙ୍ଗିଆ। ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟିବା ସହ ଗାଡିକୁ ବାହାର କରିଥିଲେ। ତେବେ ଦୀର୍ଘ ୩ ଘଣ୍ଟା ଅକ୍ଲାନ୍ତ ଚେଷ୍ଟା ପରେ ରାସ୍ତା ଏବଂ ଗାଡି ଉପରୁ ପଡ଼ିଥିବା ଗଛ କୁ ସଫା କରାଯାଇଥିଲା। ଫିରିଙ୍ଗିଆ। ଅଗ୍ନିଶମ ବାହିନୀର ଅଧିକାରୀ ସରୋଜ କୁମାର ମହାପାତ୍ରଙ୍କ ସହ ହାବିଲଦାର ବିଜୟନନ୍ଦ ଭୋଲ, ସାଗର ଜେନା, ରାମକୃଷ୍ଣ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, କାହ୍ନୁ ପାତ୍ର ଗାଁ ଲୋକଙ୍କ ସହାୟତାରେ ଗଛ କାଟି ସଫା କରିଥିଲେ।

# ରାଜଧାନୀରେ ବର୍ଷା ଆଣିଲା ଆଶ୍ୱସ୍ତି

**ଭୁବନେଶ୍ୱର, ୪।୬ (ମହାଭାରତ):** ତାତିରୁ ମିଳିଲା ସାମାନ୍ୟ ଆଶ୍ୱସ୍ତି। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବର୍ଷା। ଗତକାଲି ମଧ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିଲା। ଦିନ ସାରା ପ୍ରବଳ ଗୁଳୁଗୁଳିରେ ରାଜ୍ୟବାସୀ ଛଟପଟ ହେଉଥିବାବେଳେ ସନ୍ଧ୍ୟାରେ କିଛି କିଛି ସ୍ଥାନରେ ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଯଦିଓ ଗତକାଲି ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି ତଥାପି ତାତିରୁ ତ୍ରାହି ମିଳିନାହିଁ। ଆଜି ଦ୍ୱିପ୍ରହର ସୁଦ୍ଧା ତାପମାତ୍ରା ୩୦ ଡିଗ୍ରୀ ପାର୍ କରିଥିଲା। ହେଲେ ଅପରାହ୍ନରେ ଆକାଶରେ କଳାହାଣ୍ଡିଆ। ମେଘ ଦେଖିବାକୁ ମିଳିଥିବାବେଳେ ସ୍ଥାନେ ସ୍ଥାନେ ବର୍ଷା ହୋଇଛି। ଗତକାଲି ଭୁବନେଶ୍ୱରର ଅଧିକାଂଶ ସ୍ଥାନରେ ପାଣି ଜମିଥିବା ଦେଖିବାକୁ ମିଳିଥିଲା। ଇସ୍କନ ମନ୍ଦିର ସାମ୍ନା ଓ ବମିଖାଲ ଭଳି ଅଞ୍ଚଳରେ ପାଣି ଜମିବା କାରଣରୁ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଆଜି ଦିନରେ ଅସହ୍ୟ ତାତି ଓ ଗୁଳଗୁଳି ପରିଲକ୍ଷିତ ହୋଇଥିଲା। ଆର୍ଦ୍ରତା ମଧ ଅଧିକ ରହୁଥିଲା। ସନ୍ଧ୍ୟାରେ ହୋଇଥିବା ବର୍ଷା ଯୋଗୁ ଆଶ୍ୱସ୍ତି ଅନୁଭବ କରିଛନ୍ତି ରାଜଧାନୀବାସୀ।

# ନକଲି ମୋବିଲ କାରଖାନା ଠାବ

**କଟକ, ୪।୬ (ମହାଭାରତ) :** କଟକ ଜଗତପୁରରେ ନକଲି ମୋବିଲ କମ୍ପାନୀ ଠାବ ହୋଇଛି। ବୁଧବାର ଜଗତପୁର ଥାନା ଅନ୍ତର୍ଗତ ଖଇରାପୋଲ ନିକଟରେ ଥିବା ସୁନାରୀବଣ ଅଞ୍ଚଳରେ ଥିବା ଏହି ନକଲି କମ୍ପାନୀ ଉପରେ ପୋଲିସ ଏବଂ ଓଜନ ମାପ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ସମୟରେ ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ ହୋଇଛି। ତେବେ ୨୦୧୬ ମସିହାରୁ ସୁନାରୀବଣ ଅଞ୍ଚଳରେ ଏହି ନକଲି ମୋବିଲ କାରଖାନା ଚାଲୁଥିବା ଜଣାପଡିଛି। ଏଠାରେ ପୋଡ଼ା ମୋବିଲରୁ ନୂଆ ମୋବିଲ୍, ଗ୍ରିସ୍, ଇଞ୍ଜିନ୍ ଅଏଲ୍ ଆଦି ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ା ଯାଉଥିଲା। ଘଟଣାସ୍ଥଳରୁ ପୁଲିସ ଶହ ଶହ ଡ୍ରମରେ ଭର୍ତ୍ତି ଥିବା ନକଲି ମୋବିଲ, ଗ୍ରିସ୍, ଇଞ୍ଜିନ୍ ଅଏଲ୍ ଆଦି ଜବତ କରିଛି। ଜଗତପୁର ଥାନା ଅଧିକାରୀ ମନୋରଞ୍ଜନ ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ଚାଲିଥିଲା। ଚଢାଉ ସମୟରେ କମ୍ପାନୀ ମାଲିକ ଫେରାର ଥିବାବେଳେ ମ୍ୟାନେଜରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

# ଗ୍ରୀନ୍ ୟୁନିଭରସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର,୪।୬(ମହାଭାରତ) :** ଆଜି ପ୍ରଦେଶ ଛାତ୍ରକଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରେସ୍‌ବାର୍ତ୍ତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଦେଖାଯାଇଥିବା ଅନେକ ପ୍ରାକୃତିକ ବିପର୍ଯ୍ୟ ଯଥା ବାତ୍ୟା, ବନ୍ୟା, ବଜ୍ରଘାତ ଓ ଭୂସ୍ଖଳନକୁ ଏଡାଇବା ପାଇଁ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତାକୁ ଦୃଷ୍ଟି ଆଗରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭରସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି। ମାଟିଲେପିତମି ଦ୍ୱାରା ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପ୍ରାୟ ଆଠ ଶହ ମହାବିଦ୍ୟାଳୟରେ ପ୍ରାୟ ଦଶ ଲକ୍ଷ ବୃକ୍ଷ ଲଗାଇବାକୁ ଲକ୍ଷ ରଖାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ୧୦ ହଜାରମିବଲ୍ ବଣ୍ଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି।



ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଉଦିତ୍ ପ୍ରଧାନଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ପ୍ରଦେଶକୁ ସବୁଜ ସୁନ୍ଦର କରିବା ପାଇଁ ଛାତ୍ରକଂଗ୍ରେସ ସଭାପତିଙ୍କ ଉଦ୍ୟମକୁ ସାଧୁବାଦ୍ ଜଣାଇଥିଲେ । ରାଜ୍ୟ ପ୍ରଚାର କମିଟିର ଆବାହକ ସୁଧାଶୁଂ ଶେଖର ଦେଓ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମ ପାଇଁ ସମସ୍ତ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରେସବାର୍ତ୍ତା ଶେଷରେ ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଏକାଠି ହୋଇ କଂଗ୍ରେସ ଭବନ ଚାରିପଟେ କିଛି ମିଗୋଲା ରୋପଣ କରିଥିଲେ।

# ବର୍ଷା ଋତୁରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ସମୀକ୍ଷା

**ଭୁବନେଶ୍ୱର,୪।୬ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଙ୍କ ଉପସ୍ଥିତିରେ ବର୍ଷାଋତୁରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରାମକ ରୋଗ ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଓଡ଼ିଶାରେ ବର୍ଷା ଋତୁ ଆଗୁଆ। ପ୍ରବେଶ କରିଥିବାରୁ ସମୟ ସମୟରେ ବର୍ଷା ଜାରି ରହିଛି। ଯାହାଫଳରେ ମ୍ୟାଲେରିଆ। , ଡେଙ୍ଗୁ, ଜଣ୍ଡିସ, ହଇଜା ଆଦି ସଂକ୍ରାମକ ରୋଗ ବଢ଼ିବାର ସମ୍ଭାବନା ରହିଛି। ସବୁ ରୋଗକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାପାଇଁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମହାନଗର ନିଗମ ଏବଂ ରାଜ୍ୟର ଡେଙ୍ଗୁ ପ୍ରବଣ ଅଂଚଳ ଗୁଡିକ ଚିହ୍ନଟ କରି ସେସବୁ ସ୍ଥାନରେ ମଶା ନିୟନ୍ତ୍ରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ମ୍ୟାଲେରିଆ। ପ୍ରବଣ ଜିଲ୍ଲା ଗୁଡିକରେ ଔଷଧ ସିଞ୍ଚିତ ମଶାରୀ, କୀଟନାଶକ ଅବଶେଷାଂଶ ସ୍ପ୍ରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜଳବାହିତ ରୋଗର ପ୍ରତିରୋଧ କରିବା ପାଇଁ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳର ବ୍ୟବହାର, ଜଳ ଉତ୍ସ ଗୁଡିକର ବିଶୋଧନ ଏବଂ ବୁଲା ବିକାଳି ମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ଯାଞ୍ଚକରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଗାଁରୁ ଆରମ୍ଭ କରି ସହର ଯାଏଁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାଦିନେ ଥଣ୍ଡା, କାଶ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ଜନସାଧାରଣ ସ୍ୱାସ୍ଥ୍ୟ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ବୟସ୍କ ଏବଂ ଅନ୍ୟ ବିଭିନ୍ନ ରୋଗରେ ପଡି ଶରୀରର ରୋଗ ପ୍ରତିରୋଧକ ଶକ୍ତି କମୁଥିବା ଲୋକମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ଏଥି ସହିତ ବୈଠକରେ ଓଡ଼ିଶାରେ କୋଭିଡସ୍ଥିତି ସଂପର୍କରେ ଅନୁଧ୍ୟାନ ଓ ଆଲୋଚନା କରାଯାଇଥିଲା। ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଯଦିଓ କୋଭିଡ ସଂଖ୍ୟା ସାମାନ୍ୟ ବୃଦ୍ଧି ଘଟିଛି, ଓଡ଼ିଶାରେ କିନ୍ତୁ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ବୈଠକରୁ ଜଣାଯାଇଛି।

ଗତ ୭ ଦିନ ମଧ୍ୟରେ ଓଡ଼ିଶାରେ କରାଯାଇଥିବା ପରୀକ୍ଷା ମଧ୍ୟରେ ୫୪୬ ଟି ନମୁନା ମଧ୍ୟରୁ ଆଜିସୁଦ୍ଧା ମାତ୍ର ୨୩ ଜଣଙ୍କଠାରେ କୋଭିଡ ଭୂତାଣୁ ଚିହ୍ନଟ କରାଯାଇଥିଲା ଏବଂ ତନ୍ମଧ୍ୟରୁ ୪ ଜଣବର୍ତ୍ତମାନ ସୁଦ୍ଧା ସୁସ୍ଥ ହୋଇଛନ୍ତି। ଅନ୍ୟ୧୯ ଜଣ ଘରେ ଚିକିତ୍ସିତ ନେଉଛନ୍ତି ଏବଂ କୌଣସି ରୋଗୀ ଗୁରୁତର ନାହାନ୍ତି। ଆଇସିଏମଆର ଗତ କାଲି ଦେଇଥିବା ବିବରଣୀ ଅନୁସାରେଏ ସମସ୍ତ ଭୂତାଣୁ ଜନିତ ସଂକ୍ରମଣ ଓମିକ୍ରନ୍ ଭୂତାଣୁର ଉପ ପ୍ରଜାତି ଏବଂ ଏହା କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ ନାହିଁ। କେବଳ ଯେଉଁ ମାନେ ପୂର୍ବରୁଦୀର୍ଘଦିନ ଧରି ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି ବା ସେମାନଙ୍କର କୋମର୍ବିଡିଟି ରହିଛି , ସେ କ୍ଷେତ୍ରରେସେମାନଙ୍କୁ ସ୍ୱାସ୍ଥ୍ୟଗତ ସାବଧାନତା ଅବଲମ୍ବନ କରିବା ପାଇଁଆଇସିଏମଆର ତରଫରୁ ପରାମର୍ଶ ଦିଆଯାଇଛି।

# ନ୍ୟାୟପାଳିକାରେ ସ୍ୱଚ୍ଛତା

ସୁପ୍ରିମକୋର୍ଟର ୩୩ଜଣ ବିଚାରପତିଙ୍କ ମଧ୍ୟରୁ ୨୧ଜଣ ବିଚାରପତିଙ୍କ ସମ୍ପତି ତାଲିକା ଘୋଷଣା ଏବଂ ଗତ ଚାରିବର୍ଷ ମଧ୍ୟରେ ହାଇକୋର୍ଟ ଗୁଡିକରେ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟା ପ୍ରକାଶ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟାଙ୍କ ନିଷ୍ପତି ନିଶ୍ଚିତ ଭାବେ ଅଦ୍‌ଭୂତପୂର୍ବ ଏବଂ ବିଚାର ବିଭାଗରେ ସ୍ୱଚ୍ଛତା ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏଭଳି ଅଦ୍‌ଭୂତପୂର୍ବ ନିଷ୍ପତି ଆସିଛି ଏପରି ଏକ ସମୟରେ, ଯେଉଁ ସମୟରେ ବିଚାର ବିଭାଗର ଅନିନ୍ଦନୀୟ ମର୍ଯ୍ୟଦା ଅଭିଯୋଗର କଳାବାଦଲ ଦ୍ୱାରା ଢାଙ୍କି ହୋଇଯାଇଛି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଶବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନୋଟ ବିଡା ଜବତ ହେବା ପରେ ବିଚାର ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବିଚାରପତି ବର୍ମାଙ୍କ ବାସଭବନରୁ ବିଡା ବିଡା ନୋଟ ଜବତ ପରେ ବିଚାର ବିଭାଗର ଶଠତା ଓ ଅସ୍ୱଚ୍ଛତା ନେଇ ଉପ-ରାଷ୍ଟ୍ରପତି ଜଗଦୀପ ଧନକର ସର୍ବସାଧାରଣରେ କଟୁ ସମାଲୋଚନା କରିଥିଲେ। କେବଳ ଉପ-ରାଷ୍ଟ୍ରପତି ନୁହଁନ୍ତି, ବିଜେପିର ଦୁଇଜଣ ସାଂସଦ ମଧ୍ୟ ବିଚାରପତିମାନଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନ ଉଠାଇଥିଲେ। ସୁପ୍ରିମକୋର୍ଟ ଏବେ ଦେଶରେ ସ୍ୱେଚ୍ଛାଚାରୀତା ମୁହାଁ ହୋଇଛି ଏବଂ ପ୍ରଧାନ ବିଚାରପତି ଗୃହ ଯୁଦ୍ଧ ପାଇଁ ଅଗ୍ରସର ହେଉଥିବା ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ତେବେ ସୁପ୍ରିମକୋର୍ଟ ଦୁବେଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ଦାୟର କରିବାକୁ ମଧ୍ୟ ମନା କରିଦେଇଥିଲେ। ଏହା ନିସନ୍ଦେହ ଯେ, ଭାରତୀୟ ଗଣତନ୍ତ୍ରରେ ନ୍ୟାୟାପାଳିକା ବା ସୁପ୍ରିମକୋର୍ଟ ହେଉଛନ୍ତି, ସମ୍ବିଧାନର ତୃତୀୟ ସ୍ତମ୍ଭ ଏବଂ ଦେଶର ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଓ ସ୍ୱଚ୍ଛତାର ପ୍ରତୀକ। ଯେତେବେଳେ ସରକାର ବା ଶାସକ ସ୍ୱେଚ୍ଛାଚାରୀ ଆଭିମୁଖ୍ୟ ଗ୍ରହଣ କରେ ବା ସମ୍ବିଧାନ ବିରୋଧି ଆଇନ ପ୍ରଣୟନ କରେ, ସେତେବେଳେ ନ୍ୟାୟାପାଳିକା ସମ୍ବିଧାନର ସୁରକ୍ଷା ନେଇ କାର୍ଯ୍ୟ କରିଥାନ୍ତି। ମାତ୍ର ବିଚାରପତିଙ୍କ ଘରୁ ପୁଳା ପୁଳା ନୋଟ ବିଡା ଜବତ ହେବା ଘଟଣା ନ୍ୟାୟାପାଳିକାର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱଭାବିକ। ଏହା ନିଶ୍ଚିତ ଯେ, ନ୍ୟାୟାପଳିକା ନିଜର ମର୍ଯ୍ୟଦା, ସ୍ୱଚ୍ଛତା ବଜାୟ ରଖିବା ଲାଗି ବିଚାରପତିଙ୍କ ବିରୁଦ୍ଧରେ ତଦନ୍ତ ନିର୍ଦ୍ଦେଶ ଦେବା ସହ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସମ୍ପତି ତାଲିକା ସାର୍ବଜନୀନ କରିଛନ୍ତି। ସେହି ଗତ ୪ବର୍ଷ ମଧ୍ୟରେ ଦେଶର ବିଭିନ୍ନ ହାଇକୋର୍ଟଗୁଡିକରେ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ତଥା କଲେଜିୟମ ଦ୍ୱାରା ବିଚାରପତିଙ୍କ ନାମ ସୁପାରିଶ, ସିଟିଂ ତଥା ପୂର୍ବତନ ବିଚାରପତିଙ୍କ ସହ ସେମାନଙ୍କର ସମ୍ପର୍କ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ଗ୍ରହଣ କରିଥିବା ତଥ୍ୟ ଆଦି ସମ୍ପର୍କରେ ସାର୍ବଜନୀନ କରିବା ପାଇଁ ସର୍ବୋଚ୍ଚ ଅଦାଲତ ନିଷ୍ପତି ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ବିଚାରପତି ବର୍ମାଙ୍କ ବିରୁଦ୍ଧରେ ବିଚାରପତିଙ୍କୁ ନେଇ ଗଠିତ ୩ଜଣିଆ ତଦନ୍ତ କମିଟିର ରିପୋର୍ଟକୁ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାଯାଏ। ସେହିପରି ଏକ ରିପୋର୍ଟ ଅନୁସାରେ ଜଷ୍ଟିସ ବର୍ମାଙ୍କୁ ଇସ୍ତଫା ଦେବା ଲାଗି ବିକଳ୍ପ ପ୍ରସ୍ତାବ ଦିଆଯାଇଥିବା କୁହାଯାଏ। କିନ୍ତୁ ବିଚାରପତି ବର୍ମା ଇସ୍ତଫା ଦେବେ ନାହିଁ ବୋଲି କହିଥିବା ରିପୋର୍ଟ ପ୍ରକାଶ ପାଇଛି। କହିବା ବାହୁଲ୍ୟ ଯେ, ଆମ ଦେଶରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ ବିଚାରପତି ଯଦି ସ୍ୱେଚ୍ଛାକୃତ ପଦତ୍ୟାଗ ନକରନ୍ତି, ସମ୍ବିଧାନର ଧାରା ୧୨୪(୪) ଅନୁଯାୟୀ ମହାଭିଯୋଗ ପ୍ରସ୍ତାବ ଦ୍ୱାରା ପାର୍ଲିଆମେଂଟ ବହିସ୍କାର କରିବା କ୍ଷମତା ରହିଛି। ଯଦି ଜଷ୍ଟିସ ବର୍ମା ନିଜ ଆଡୁ ଇସ୍ତଫା ନଦିଅନ୍ତି, ତେବେ ମହାଭିଯୋଗ ପ୍ରକ୍ରୀୟା ଆରମ୍ଭ ହେବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ନିସନ୍ଦେହ ଯେ, ଯେତେବେଳେ ଜଣେ ବିଚାରପତିଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସେ, ସାଧାରଣ ଲୋକଙ୍କ ନ୍ୟାୟାଳୟ ପ୍ରତି ଆସ୍ଥା, ବିଶ୍ୱାସ ହ୍ରାସ ପାଇବାକୁ ଲାଗେ। ସୁପ୍ରିମକୋର୍ଟଙ୍କ ପୂର୍ଣ୍ଣାଙ୍ଗ ବେଂଚ ଏବଂ ପ୍ରଧାନ ବିଚାରପତି ଗ୍ରହଣ କରିଥିବା ପଦକ୍ଷେପ ନିଶ୍ଚିତ ଭାବେ ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସନୀୟତାକୁ ଅତୁଟ ରଖିବାରେ ସହାୟକ ହେବ। ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ଜଷ୍ଟିସ ବର୍ମାଙ୍କ ବିରୁଦ୍ଧରେ ନିରପେକ୍ଷ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

# ଏକ କୁଲିର କାହାଣୀ

ଅନୀତା ପଟ୍ଟନାୟକ

କଟକ ରେଳଷ୍ଟେସନର ପଛପଟେ ଥା ଏକ କୁଲିବସ୍ତି। ସେହି ବସ୍ତିରେ ଅନେକ ପ୍ରକାର ଦୂରାରୋଗ ସବୁ ଦେଖାଦିଏ। ଭାରି ଅପରିଷ୍କାର ଓ ଅପରିଚ୍ଛନ୍ନ ବସ୍ତିଟି। କୁଢ଼ କୁଢ଼ ମଇଳା ଭିତରେ ଗଣେଶ କୁଲି ଓ ତା ସ୍ତ୍ରୀ ସବିତା ଓ ତାର ଗୋଟିଏ ଛୋଟ ଝିଅ ରୀତା ରହୁଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ସେଠାକୁ ଯାଏନା। ସେ ଗାଡ଼ିଟି କେବଳ କଟକ ସହରରେ ରହୁଥିବା ଧନାଢ଼୍ୟ ବ୍ୟକ୍ତିମାନଙ୍କର ଘର ଦେଇଯାଏ। ଗଣେଶ ଥରେ କଟକର ମେୟରଙ୍କୁ ଦେଖି ତାଙ୍କ ବସ୍ତିକୁ ଅଳିଆ ଆବର୍ଜନା ଉଠାଉଥିବା ଗାଡ଼ି କାହିଁକି ଆସୁନାହିଁ ବୋଲି ପଚାରିଲା। ମେୟର କହିଲେ, ସରକାରଙ୍କ ସଂକଳ୍ପ ଅନୁସାରେ ସବୁକିଛି ଘଟୁଛି। ଗଣେଶ ପଚାରିଲା ସଂକଳ୍ପମାନେ କ'ଣ ? ତାର ସ୍ତ୍ରୀର ଦେହରେ କିଛି ଦିନ ହେବ ଜ୍ୱର ରହୁଛି, ଝିଅକୁ ମଧ୍ୟ ଜର। ତେଣୁ ସେ ମେୟରଙ୍କୁ ପଚାରିଲା ଆମ ଆଡ଼େ କେବେ ଆବର୍ଜନା ଉଠାଉଥିବା ଗାଡ଼ି ଆସିବ ? ମେୟରଙ୍କ ସହ ଯାଇଥିବା ନରହରି ଆଡ଼କୁ ମେୟର ଚାହିଁଲେ କହିଲେ ଏ ମୂର୍ଖଟାକୁ ବୁଝାଇ ଦେ। ନରହରି କହିଲା ସଂକଳ୍ପ ତିନି ପ୍ରକାର। ଯଥା ଯୋଜନା ସଂକଳ୍ପ, ଯାହାର ଅର୍ଥ ଅନେକ ବିଚାର ଆଲୋଚନା ପରେ ଯେଉଁ ସଂକଳ୍ପ ଗ୍ରହଣ କରାଯାଏ ତାକୁ ଯୋଜନା ସଂକଳ୍ପ କହନ୍ତି। ଦ୍ୱିତୀୟ ମନନ ସଂକଳ୍ପ। କୌଣସି କର୍ମ କରିବାର ଇଛା ଜାଗ୍ରତ ହେଲାପରେ କିଛି ସଂକଳ୍ପ ଗ୍ରହଣ କରିବାକୁ ମନନ ସଂକଳ୍ପ କୁହାଯାଏ। ତୃତୀୟ ହେଲା ସ୍ୱ ସଂକଳ୍ପ - ସଂକଳ୍ପ ଓ ସିଦ୍ଧି ତତ୍‌କ୍ଷଣାତ ଘଟେ। ଯେମିତି ବନ୍ଧୁକରେ ଗୁଳି ଫୁଟିବା ଓ ଲକ୍ଷ୍ୟ ଭେଦ ହେବାରେ ସମୟ ବ୍ୟବଧାନ କିଛି ନଥାଏ। ଗଣେଶ ଏସବୁ କିଛି ବୁଝି ପାରିଲା ନାହିଁ। କହିଲା ବାବୁ ମୁଁ ଏସବୁ କିଛି ବୁଝିପାରୁନାହିଁ। ନରହରି କହିଲା ସରକାରୀ ଜମି ମାଡ଼ିବସି ବସ୍ତି କୁଡ଼ିଆ କରି ରହୁଛୁ। କଟକ ସହରରେ ରହୁଥିବା ବଡ଼ ବଡ଼ିଆ ଲୋକଙ୍କ ପାଇଁ ସଂକଳ୍ପ ଯୋଜନା ପ୍ରସ୍ତୁତ ହେଉଛି। ତୁତ କଲି ମୁଲିଆଟେ। ତମ ମାନଙ୍କ ପାଇଁ ସ୍ୱସଂକଳ୍ପ ହିଁ ପ୍ରୟୋଜନ। ତୁମ୍ଭ ପାଖକୁ କେବେ ବି ଅଳିଆ ଆବର୍ଜନା ସଫା କରୁଥିବା ଗାଡ଼ି ଆସିବ ନାହିଁ। ତେଣୁ ବନ୍ଧୁକରୁ ଗୁଳି ଫୁଟିବା ପରି ଓ ଲକ୍ଷ୍ୟଭେଦ ହେବାପରି ତୁ ଓ ସ୍ତ୍ରୀ ଓ ଝିଅ ବସ୍ତି ସଫାରେ ନଚେତ ମେୟର ବାବୁ ରାଗି ଗଲେ ତୁମେ ବସ୍ତି ଉଜାଡ଼ି ଦେବେ। ମନେ ମନେ ଗୁଣୁଗୁଣୁ ହୋଇ ନରହରି କହିଲା ସ୍ତ୍ରୀ, ଝିଅଙ୍କ ଜର ଦେଖାଉଛି। ଏ ଦେଶରେ ସେମାନେ ବଞ୍ଚିଲେ କେତେ ମଲେ କେତେ।

ନଭେମ୍ବର ୨୩, ୨୦୨୪ ମସିହା ଝିଅର ମୁଦିପିନ୍ଧା କଲିକତାରେ ହେବ। ମେୟର କେବେ ଠାରୁ ଅବସର ନେଇଗଲେଣି। ଧର୍ମପତ୍ନୀ ବୃଦ୍ଧା ହୋଇଯାଇଛନ୍ତି। ଝିଅ ଆଗରୁ କଲିକତା ଚାଲିଯାଇଥିବାରୁ ସ୍ୱାମୀ ସ୍ତ୍ରୀ ଗୁଡ଼ାଏ ଜିନିଷପତ୍ର ସହିତ ପୁରୀ ହାୱଡ଼ା ଏକ୍ସପ୍ରେସରେ ଯିବା ପାଇଁ ଷ୍ଟେସନକୁ ଆସିଥାନ୍ତି। ଶୀତ ଦିନ ଏତେ ଗୁଡ଼ାଏ ଜିନିଷ ବୋହିବା କଷ୍ଟକର ହୋଇଥିବାରୁ ମେୟର କୁଲିଟିଏ ଖୋଜୁଥାନ୍ତି। ଏହି ସମୟରେ ଗଣେଶ ଉପରେ ମେୟରଙ୍କ ନଜର ପଡ଼ିଲା। ମେୟର ଗଣେଶକୁ କହିଲେ ମୋର ଜିନିତ୍ର ଟ୍ରେନରେ ଉଠାଇଦେବ। ମୁଁ ପଇସା ଦେବି। ଗଣେଶ ମେୟରଙ୍କୁ ଚିହ୍ନି ପକାଇଲା କିନ୍ତୁ ମେୟର ଗଣେଶଙ୍କୁ ଚିହ୍ନି ପାରୁନଥାନ୍ତି। ମେୟରଙ୍କ ସ୍ତ୍ରୀ କହିଲେ ମୋ ଝିଅର ମୁଦିପିନ୍ଧା ଉତ୍ସବ ଅଛି। ସେଥିପାଇଁ କଟକରୁ ଏତେ ଜିନିଷ ନେଇ ଯାଉଛି। ଜିନିଷପତ୍ର ଧୀରେ ଉଠାଇ ଦେବ। ମୁଁ ବୁଢ଼ୀଲୋକ ଟ୍ରେନରେ ଉଠିବା ମୋ ପାଇଁ କଷ୍ଟକର। ଗଣେଶ କହିଲା, ମା ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ସବୁବେଳେ ଧୀର ସ୍ଥିର ଭାବେ କାମ କରେ। ଆମେ ସଂସାରକୁ ଆସିଛେ ପୁଣିଥରେ ଈଶ୍ୱରଙ୍କ ଠାରେ ପହଞ୍ଚିବା ପାଇଁ। ସେହି ଲକ୍ଷ୍ୟକୁ ଭୁଲି ଯାଇ ମାୟାର ବୋଝକୁ ମୁଣ୍ଡରେ ମୁଣ୍ଡାଇ ବୁଲୁଛେ। ବେକ କଟକଟ ହେଲେ ବୋଝ ଉତାରିବା ପାଇଁ ବିକଳ ହେଉଛେ। ଦି ଦିନିଆ ଭୋଗ ବିଳାସ ପଛରେ ଧାଇଁ କ'ଣ ପାଉଛେ ? ଏହି ଭୋଗ ବିଳାସର ବୋଝ ବୋହି ବୋହି ଈଶ୍ୱରଙ୍କୁ ଚିହ୍ନିପାରୁ ନାହିଁ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଓଡିଶାର ବନ୍ଧୁକରେ କୋଡିଏ ବର୍ଷ ଯୁଦ୍ଧ

ସୌମେନ୍ଦ୍ର ଜେନା

'ଚୀନର ଚେଆରମେନ୍ ଆମର ଚେଆରମେନ୍', 'ବନ୍ଧୁକର ଗୁଳିରୁ ବାହାରିବ ଜନତାର ଶାସନ', ଶ୍ରେଣୀ ଶତ୍ରୁର ରକ୍ତରେ ଯାହାର ହାତ ଲାଲ ନ ହୋଇଛି,ସେ କମ୍ରେଡ ନୁହେଁ-ଏମିତି ଏମିତି ସ୍ଲୋଗାନ ଦେଇ ପାଖାପାଖି ଛଅ ଦଶନ୍ଧି ଧରି ଭାରତରେ ବାମପନ୍ଥୀ ସନ୍ତ୍ରାସବାଦ ଏକପ୍ରକାର ରକ୍ତଲୀଳା ସୃଷ୍ଟିକରି ଆସିଛି । ଏହିସବୁ ଗଣସଂହାରକାରୀ ଘଟଣା ପଛରେ ହିଂସାକୁ ସମର୍ଥନ କରୁଥିବା ଗୋଷ୍ଠୀ, ସମାଜକୁ ଭୟଭୀତ କରି ଦେଶକୁ ଦୁର୍ବଳକରି ରଖିବାକୁ ଚାହୁଁଥିବା ଗୋଷ୍ଠୀ, ଦାରିଦ୍ର୍ୟ ଏବଂ ଅନଗ୍ରସରତାର ନାମରେ ବିଦେଶୀ ଅର୍ଥରେ ତଥାକଥିତ ଆତ୍ମସେବାରେ ମଗ୍ନ ପେସାଦାର ଅୟସପ୍ରିୟ ସ୍ୱେଚ୍ଛାସେବୀ ସଂଗଠନର ସମର୍ଥନ ଯେ ରହିଆସିଛି ତାହା ସମସ୍ତଙ୍କୁ ଜଣାଅଛି । ସବୁ ଦେଶରେ ଅଶିକ୍ଷିତ ନୁହନ୍ତି ବରଂ ଶିକ୍ଷତ ଲୋକମାନେ ହିଁ ସମସ୍ୟା ସୃଷ୍ଟିକାରୀ ହୋଇଆସିଛନ୍ତି । ଲାଡେନ୍, ଅଲ-ଜବାହିରୀଠାରୁ କେଶବ ରାଓ ଓରଫ ଗଗନ୍ନା ପର୍ଯ୍ୟନ୍ତ ଏହି ତାଲିକା ଲମ୍ବିଆସିଛି । ନିଜସ୍ୱ ମତବାଦ ମାଧ୍ୟମରେ ସମାଜର ସଂଖ୍ୟାଧିକ ଅଶିକ୍ଷିତ ଲୋକଙ୍କୁ ନିଜ ସପକ୍ଷରେ ନେଇ ସେମାନଙ୍କୁ ବନ୍ଧୁକ ଧରାଇ ଅପରାଧୀ କରି ଛିଡା କରାଇବା ହେଉଛି ସେମାନଙ୍କ ଲକ୍ଷ୍ୟ । ଟ୍ରେନ ପୋଡି, ବ୍ୟାଙ୍କ ଲୁଟରେ ସାମିଲ ଥାଇ ପରେ ପୁଲିସ ଗୁଳିରେ ମୃତ୍ୟୁବରଣ କରିଥିବା ଏମିତି ଅନେକଙ୍କୁ ସହିଦର ଆଖ୍ୟା ଦିଆଯାଇଛି । ଏପରିକି ଆଫଜଲ ଗୁରୁ ପରି ସନ୍ତ୍ରାସବାଦୀର ଫାଶିଦଣ୍ଡ ପରେ ତାର ସମର୍ଥନରେ ଜେଏନ୍‌ୟୁ ପରି ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଏହି ବିଭାଜନକାରୀ ଗୋଷ୍ଠୀଙ୍କ ଦ୍ୱାରା ଦେଶବିରୋଧୀ ସନ୍ତ୍ରାସବାଦର ସମର୍ଥନରେ ସ୍ଲୋଗାନ ଦେବାପରି ଘଟଣାମାନ ଆମେ ଅତୀତ ଦିନମାନଙ୍କରେ ଦେଖିଆସିଛୁ । ଏବେ ଛତିଶଗଡର ନାରାୟଣପୁରର ଅବୁଝ୍‌ମାଡ ଜଙ୍ଗଲ ମଧ୍ୟରେ ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ନକ୍‌ସାଲୀ ନେତା କେଶବ ରାଓ ସମେତ ଅନ୍ୟ ୨୬ ଜଣ ନକ୍‌ସଲଙ୍କ ମୃତ୍ୟୁକୁ କିଛି ବ୍ୟକ୍ତି ଅସାମ୍ବିଧାନିକ ଗଣହତ୍ୟା, ବିରୋଧୀମାନଙ୍କୁ ସରକାରଙ୍କ ଯୋଜନାରେ ଦୁର୍ବଳ କରାଯିବା କହି ସମାଲୋଚନା କରାଯାଉଥିଲେ ମଧ୍ୟ ଏହିସବୁ ଷଡଯନ୍ତ୍ର ପଛରେ ଓଡିଶାର ବନ୍ଧୁକ ଗତ କୋଡିଏ ବର୍ଷରୁ ଅଧିକବର୍ଷ ଧରି ନକ୍‌ସଲଙ୍କ ସହାୟକ ହୋଇଆସିଛି। ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ନକ୍‌ସଲ ଗୋଷ୍ଠୀ ପୁଲିସ ବାହିନୀର ସମ୍ମୁଖୀନ ହେବାପାଇଁ ଓଡିଶାର ବନ୍ଧୁକ ଆଜି ପର୍ଯ୍ୟନ୍ତ ବ୍ୟବହାର କରିଆସିଛନ୍ତି ।।

ଗତ ଶତାବ୍ଦୀର ସପ୍ତମ ଦଶକରେ ଆନ୍ଧ୍ରପ୍ରଦେଶର କମ୍ୟୁନିଷ୍ଟ ଲୋକେ ନକ୍‌ସାଲ ସନ୍ତ୍ରାସକୁ ଏକ ହିସାବ ନିକାଶ ବା ସଂଘର୍ଷ ଓ ରକ୍ତପାତ ମାଧ୍ୟମରେ ସମାଧାନ କରିବାକୁ ନିଜର ଲକ୍ଷ୍ୟ ସ୍ଥିର କରିଥିଲେ । କୋଣ୍ଡାପାଲ୍ଲୀ ସୀତାରମେୟାଙ୍କଠାରୁ ଗଣପତି ଏବଂ ବର୍ତ୍ତମାନର ବସବରାଜୁଙ୍କ ପର୍ଯ୍ୟନ୍ତ ସେହି ଧାରା ଗଡି ଆସିଛି । ନିକଟରେ ୨୦ ମଇ ୨୦୨୫ରେ ଛତିଶଗଡର ନାରାୟଣପୁରର ଅବୁଝ୍‌ମାଡ ଜଙ୍ଗଲରେ ହୋଇଥିବା ଯବାନ ଏବଂ ନକସଲଙ୍କ ମୁହାଁମୁହିଁ ସଂଘର୍ଷରେ ମାଓବାଦୀ ନେତା ବସବାରାଜୁ ଓରଫ ନାଗନ୍ନାଙ୍କ ସମେତ ମୋଟ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ସେଠାରୁ ଅନେକ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା, ଯେଉଁଥିରେ ଓଡିଶାରୁ ଲୁଟ ହୋଇଥିବା ଇନ୍‌ସାସ ରାଇଫଲ ମଧ୍ୟ ରହିଥିଲା । ୨୦୦୪ରେ କୋରାପୁଟ ଅସ୍ତ୍ରାଗାର ଏବଂ ୨୦୦୮ରେ ନୟାଗଡ ଅସ୍ତ୍ରାଗାରରୁ ବନ୍ଧୁକ ଲୁଟ ହୋଇଥିଲା । କୋରାପୁଟ ଅସ୍ତ୍ରାଗାର ଲୁଟ ଘଟଣାଟି ଏସିଆର ସର୍ବବୃହତ ଲୁଟ୍ ଘଟଣା ଥିଲା । ଗୋଟିଏ ସମୟରେ ୧୦୦୦ରୁ ଅଧିକ ନକ୍‌ସାଲ ରାଇଫଲ ସମେତ ମୋଟ ୫୦କୋଟି ଟଙ୍କା ମୂଲ୍ୟର ବନ୍ଧୁକ ଲୁଟ୍ କରିଥିଲେ ନକ୍ସଲଙ୍କ ହାତରେ ବନ୍ଧୁକ ପଡିବା ପରେ ପରେ ବସବରାଜୁ, ହିଡମା ପରି ଦୁର୍ଦ୍ଦାନ୍ତ ଅଶିକ୍ଷିତ ବନବାସୀଙ୍କୁ ରକ୍ତପାୟୀ ସନ୍ତ୍ରାସୀରେ ପରିଣତ କରିଥିଲେ । ସେମାନେ ସେଣ୍ଟ୍ରାଲ ମିଲିଟାରୀ ସେକ୍ସନ -୧ ଅଧିନରେ ରହି ହତ୍ୟା ଅଭିଯାନ ଚଳାଉଥିଲେ । କୋରାପୁଟ ପରି ନୟାଗଡରୁ ଲୁଟ ବନ୍ଧୁକଗୁଡିକ ମଧ୍ୟ ନକ୍ସଲଙ୍କ ହାତକୁ ଯିବାପରେ ବିଗତ ୨୦ ବର୍ଷ ଧରି ସେମାନେ ନେପାଳରୁ ଦଣ୍ଡକାରଣ୍ୟ ପର୍ଯ୍ୟନ୍ତ ଲାଲ କରିଡର ନିର୍ମାଣ ପାଇଁ ରକ୍ତପାତ କରିଚାଲିଲେ । କେବେ ପୁଲିସର ସୂଚନାଦାତା, କେବେ ସରକାରଙ୍କ ସମର୍ଥକ, କେବେ ଶୋଷଣକାରୀ ବୁର୍ଜୁଆ ଅଭିଯୋଗ ଆଣି ଏମାନେ ସାଧାରଣ ଲୋକଙ୍କୁ ସେମାନଙ୍କ ଠାରୁ ଉଠାଇନେଇ ହତ୍ୟା କରିଆସିଛନ୍ତି । ଅତୀତରେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟଗୁଡିକର ଛାତ୍ରମାନଙ୍କୁ ମଧ୍ୟ ଏମାନେ ଗୁଳିକରି ହତ୍ୟା କରିଆସିଛନ୍ତି । କେବଳ ଆନ୍ଧ୍ରରେ ଭିନ୍ନ ଭିନ୍ନ ୨୬ଟି ଗୋଷ୍ଠୀରେ ବାଣ୍ଟି ହୋଇ ଏମାନେ ଆତଙ୍କ ସୃଷ୍ଟି କରିଆସିଛନ୍ତି । କୋରାପୁଟରେ ଦେଓମାଳି ପର୍ବତ ନିକଟରେ ଥିବା ଆନ୍ଧ୍ର ପ୍ରଦେଶର ଆରାକୁଭାଲୀ ଅଞ୍ଚଳରେ ୨୦୧୮ରେ ଏକ ବିବାଦର ସମାଧାନ କରିବାପାଇଁ ଯାଇଥିବା ତେଲୁଗୁ ଦେଶମ ବିଧାୟକ ସର୍ବେଶ୍ୱର ରାଓ ଏବଂ ସୁବେରି ସୋମାଙ୍କୁ ନକ୍ସଲମାନେ ହତ୍ୟା କରିଥିଲେ ।



କୋରାପୁଟ ବନ୍ଧୁକ ଲୁଟ ପରେ ୨୦୦୫ରେ ବିହାରର ଜେହାନାବାଦ ଜେଲ ଉପରେ ୧୦୦୦ ସଶସ୍ତ୍ର ନକ୍ସଲ ଆକ୍ରମଣ କରି ୩୭୯ ଜଣ ବନ୍ଦୀଙ୍କୁ ଜେଲ ଭାଙ୍ଗି ନେଇଯାଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ଘଟଣା ସବୁଠୁ ବଡ ଜେଲ ଭଙ୍ଗା ଘଟଣା ଥିଲା । ସେହି ଜେଲରେ ବନ୍ଦୀଥିବା ୩୦ଜଣ ନକ୍ସଲ ବିରୋଧୀଙ୍କୁ ଅପହରଣ କରାଯାଇ ପରେ ହତ୍ୟା କରାଯାଇଥିବା ଅଭିଯୋଗ ଉଠିଥିଲା । ୬ ଏପ୍ରିଲ ୨୦୧୦ରେ ଦନ୍ତେୱାଡାଠାରେ ୭୬ଜଣ ସିଆରପିଏଫ୍ ଯବାନଙ୍କୁ ନକ୍ସଲ ହତ୍ୟା କରିଥିଲେ । ସେହି ଘଟଣାରେ ୮ଜଣ ନକ୍ସଲ ମଧ୍ୟ ମୃତ୍ୟୁବରଣ କରିଥିଲେ । ନକ୍ସଲ ଆକ୍ରମଣ ମଧ୍ୟରେ ତାହା ଥିଲା ସବୁଠୁ ବଡ ଘଟଣା ।

ସେମିତି ୨୦୧୩ରେ ଛତିଶଗଡର ଜିରମଘାଟୀରେ ୨୫ମଇ ଦିନ ନକ୍ସଲଙ୍କ ଆକ୍ରମଣରେ ମୋଟ ୩୩ଜଣଙ୍କର ମୃତ୍ୟୁ ଘଟିଥଲା । ସେମାନଙ୍କ ମଧ୍ୟରେ ୨୭ଜଣଥିଲେ ଛତିଶଗଡର କଂଗ୍ରେସ ନେତା । ସେମାନେ ପରିବର୍ତ୍ତନ ଯାତ୍ରା ଅଭିଯାନରେ ବାହାରି ସୁକମାର ଜିରମଘାଟୀ ଅଞ୍ଚଳରେ ପହଞ୍ଚିଥିବା ସମୟରେ ପ୍ରାୟ ୧୦୦ ସଶସ୍ତ୍ର ନକ୍ସଲ ସେମାନଙ୍କ ଉପରେ ଆଖିବୁଜି ଗୁଳିଚାଳନା କରିଥିଲେ । କଂଗ୍ରେସ ଦଳର ମହେନ୍ଦ୍ର କର୍ମା, ବିଦ୍ୟାଚରଣ ଶୁକ୍ଳ, ନନ୍ଦକୁମାର ପଟେଲଙ୍କ ପରି ପ୍ରମୁଖ ନେତୃବୃନ୍ଦ ହତ୍ୟାର ଶିକାର ହୋଇଥିଲେ । ଉକ୍ତ ଆକ୍ରମଣ ପାଇଁ ପ୍ରାୟ ଏକମାସ ପୂର୍ବରୁ ନକ୍ସଲମାନେ ଅଭ୍ୟାସ କରିଥିଲେ ।

ଦେଖିବାକୁ ଗଲେ ଓଡିଶାରୁ ପ୍ରାୟ ୩୦୦୦ରୁ ଅଧିକ ସଂଖ୍ୟକ ବନ୍ଧୁକ ଲୁଟ କରିଥିବା ନକ୍ସଲ ବାହିନୀ ପରେ ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ, ଝାଡଖଣ୍ଡ, ବିହାର, ଉତ୍ତର ପ୍ରଦେଶ ରାଜ୍ୟରେ କାର୍ଯ୍ୟ ବିସ୍ତାର କରିଥିଲେ । ଦେଶରେ ୧୦୦ରୁ ଅଧିକ ଜିଲ୍ଲାରେ ଏମାନଙ୍କ ପ୍ରାଦୁର୍ଭାବ ବଢିଥିଲା । କେନ୍ଦ୍ରର ମୋଦୀ ସରକାର କ୍ଷମତାକୁ ଆସିବା ପରଠାରୁ ଅନେକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରି ଦୁର୍ଗମ ଅଞ୍ଚଳର ବିକାଶ ଉପରେ ଧ୍ୟାନ ଦେଲେ । ନକ୍ସଲ ବିରୋଧୀ ସ୍ୱତନ୍ତ୍ର ବାହିନୀ ଗଠନ କରାଯାଇ ଅଭିଯାନ ଚଳାଗଲା । ଯାହା ଫଳରେ ଲାଲ ସନ୍ତ୍ରାସର କ୍ୟାନସରରୁ ନିୟନ୍ତ୍ରଣକୁ ଅଣାଯିବା ପାଇଁ ଚେଷ୍ଟା ହେଲା । ଏବେ ଦଣ୍ଡକାରଣ୍ୟ କ୍ଷେତ୍ରର ଓଡିଶା, ଆନ୍ଧ୍ର, ଛତିଶଗଡ ଏବଂ ମହାରାଷ୍ଟ୍ରର ପରିବ୍ୟାପ୍ତ ପର୍ବତମାଳା ଓ ଜଙ୍ଗଲ ଅଞ୍ଚଳରେ ନକସଲମାନେ ସୀମିତ ଏବଂ ସଂକୁଚିତ ହୋଇ ରହିଛନ୍ତି । ଅତୀତରେ ଜାନକୀ ପଟ୍ଟନାୟକ, ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ଶାସନକାଳରେ ନକ୍ସଲ ଗୋଷ୍ଠୀଙ୍କୁ ଭରପୁର ଶାସନକଳର ସମର୍ଥନ ମିଳିଥିଲା । ଯାହା ଫଳରେ ରାୟଗଡାର ଗୁଣୁପୁର, ମାଲକାନଗିରି ମଧ୍ୟରେ ସୀମିତ ଥିବା ଏହି ଗୋଷ୍ଠୀ ପରେ ନୟାଗଡ, ଗଞ୍ଜାମ, ଜଗତସିଂହପୁର, କନ୍ଧମାଳ ସମେତ ଅନ୍ୟାନ୍ୟ ପଶ୍ଚିମ ଓଡିଶାର ଜିଲ୍ଲାକୁ ଦଖଲ କରିବାକୁ ପ୍ରୟାସ କରିଥିଲେ । ଜାନକୀ ବାବୁ ନକ୍ସଲଙ୍କୁ ଏକ ସମସ୍ୟାଭାବେ ଗ୍ରହଣ କରୁନଥିଲାବେଳେ ବିଜୁବାବୁ ଖୋଲାଖୋଲି ନିଜକୁ ଜଣେ ନକ୍ସଲ କହୁଥିଲେ । ନବୀନବାବୁଙ୍କ ଶାସନ କାଳରେ ବିଜେଡି ନେତାଙ୍କ ନକ୍ସଲ ପୁତ୍ର ସବ୍ୟସାଚୀଙ୍କ ଯୋଜନାରେ କନ୍ଧମାଳରେ ଖ୍ରୀଷ୍ଟିଆନ ନକ୍ସଲମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିଥିଲେ । ତତ୍‌କାଳୀନ ବିଜେଡିର ପ୍ରମୁଖ ନେତା ପ୍ୟାରୀମୋହନ ମହାପାତ୍ର ନକ୍ସଲମାନଙ୍କୁ ଘଷ୍ଟି ଘୋଡାଇବା ଦ୍ୱାରା ସେହି ଘଟଣାର ଅନୁସନ୍ଧାନ ଗତ ୧୭ବର୍ଷ ହେଲା ସରିନାହିଁ କି ଦୋଷୀମାନେ ଦଣ୍ଡିତ ହୋଇନାହାନ୍ତି । ଓଡିଶାର ନାଗଭୂଷଣ ପଟ୍ଟନାୟକଙ୍କଠାରୁ ସବ୍ୟସାଚୀ ପଣ୍ଡାଙ୍କ ପର୍ଯ୍ୟନ୍ତ କେହି ନକ୍ସଲ ସଂଗଠନର ମୁଖ୍ୟବଳୟକୁ ଯାଇପାରିନଥିଲେ । ତାର କାରଣ ହେଲା ଆନ୍ଧ୍ରନେତାଙ୍କ ସାଂଗଠନିକ ବର୍ଚ୍ଚସ୍ୱ ଏ ପର୍ଯ୍ୟନ୍ତ କାଏମ୍ ରହିଛି । କହିବାକୁ ଗଲେ ଓଡିଶାର ବନ୍ଧୁକ, ଦକ୍ଷିଣ ଓଡିଶାର ଗଞ୍ଜେଇରୁ ମିଳୁଥିବା ଅର୍ଥ ନକ୍ସଲଗୋଷ୍ଠୀଙ୍କୁ ଖୋରାକ ଯୋଗାଇଥିଲା ବେଳେ ଛତିଶଗଡ ଏବଂ ଓଡିଶାର ଆଦିବାସୀମାନେ ମୋହରା ହୋଇ କାର୍ଯ୍ୟ କରିଚାଲିଛନ୍ତି । କିନ୍ତୁ ଏହି ସଂଗଠନର ନେତୃତ୍ୱ କୋଣ୍ଡାପାଲ୍ଲୀ,ଗଣପତି କିମ୍ବା କେଶବରାଓ ଓରଫ ବସବରାଜୁଙ୍କ ହାତରେ ସବୁବେଳେ ରହିଆସିଛି । କହିବାକୁ ଗଲେ ରାଜ୍ୟ ସରକାରମାନଙ୍କର ନକ୍ସଲଙ୍କ ପ୍ରତି ସମର୍ଥନ, ନିଜ ଅଞ୍ଚଳରେ ପ୍ରଭୁତ୍ୱ ବୃଦ୍ଧିରେ ସହଯୋଗ ଏବଂ ପ୍ରକାରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁ ଏହି ସମସ୍ୟା ଗତ ୫୦ବର୍ଷ ଧରି ସମାଜ ଭିତରେ ସନ୍ତ୍ରାସକୁ କାଏମ୍ ରଖିବା ପାଇଁ ସଫଳ ହୋଇଛି । ଓଡିଶା ସରକାର ଏହି ସନ୍ତ୍ରାସକୁ ନିଜ ବନ୍ଧୁକ ସମର୍ପଣ କରିଦେଇ ଏକ ପ୍ରକାର ନିରବ ସମର୍ଥନ କରିଆସିବା ଯୋଗୁ ଆଜି ଏହି ସମସ୍ୟା ଏତେ ବ୍ୟାପକ ହୋଇଛି । ଓଡିଶାର ଲୋକେ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି । ଶୋଷଣମୁକ୍ତି ନାମରେ ଚାଲିଆସିଥିବା ଏହି ରକ୍ତାକ୍ତ ଫାର୍ସଲୀଳାକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେଇଛନ୍ତି, ଯେପରି ଟାର୍ଗେଟ ରଖି କାର୍ଯ୍ୟ କରିଚାଲିଛନ୍ତି, ତାହା ବେଶ୍ ପ୍ରଶଂସନୀୟ । ଓଡିଶା ସରକାର ଏଥିରେ ସାମିଲ ହୋଇ ରାଜ୍ୟର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଜଙ୍ଗଲ, ଅଭୟାରଣ୍ୟ ମଧ୍ୟରେ ଲୁଚି ରହୁଥିବା ନକ୍ସଲମାନଙ୍କୁ ନିପାତ କରିବାପାଇଁ ପ୍ରୟାସ କରନ୍ତୁ, ନିଜର ଅସ୍ତ୍ରାଗାର ଯେପରି ଭବିଷ୍ୟତରେ ନକ୍ସଲଙ୍କ ହାତରେ ନପଡେ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର

# କରି କରାଉଥାଏ ମୁହିଁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରଭୁ କରନ୍ତି, ପୁଣି କରାନ୍ତି ସେହି କେବଳ ମୁଁ ଉଚ୍ଚାରଣ କରିପାରନ୍ତି। ମୁଁ କୁ ଇଂରାଜୀରେ ଆଇ କୁହାଯାଏ। ମୋରକୁ ମାଇଁ କୁହାଯାଏ। ଆଇ ଅକ୍ଷର ଏକ ଶାଳକା, ଆକାର ଉର୍ଦ୍ଧ୍ୱରେ ଲାଠିଖାତନ। ଦୃଶ୍ୟରେ ଏକ ଲମ୍ବା କାଗଜର ଖାମ ଗୋଟିଏ ବହୁ, ଗୋଟିଏ ଆଲମିରା, ଗୋଟିଏ ଖାତା ଗୋଟିଏ କଲମ, କୌଣସି ଖୁଣ୍ଟ ପିଲାର। ଏକ ପିଲାର ଖମ୍ବକୁ ଦେଖାଇ ରାଜା - ପ୍ରଜା, ବାପ-ପୁଅ, ବର୍ତ୍ତମାନ-ଭବିଷ୍ୟତରେ ଏଇ ଆଇ ଉପରେ ଆସିଥିଲା ତର୍କ। ରାଜା, ପିତା, ବର୍ତ୍ତମାନ ପ୍ରଶ୍ନ କରୁଛି କିଏ ସେ ଭଗବାନ କେଉଁଠି ତାର ବାସ କେଉଁଠି ସେ ଅଛି ? ପ୍ରଜା, ପୁଅ, ଭବିଷ୍ୟତ କହୁଛି, ଏହି ଖମ୍ବରେ ସେ ବି ଅଛନ୍ତି, ହେଲେ ସେ ସର୍ବତ୍ର ଅଛନ୍ତି ଆମର ଆମର ଏହି ସନ୍ନିକଟ ସ୍ତମ୍ଭରେ ସେ ଅଛନ୍ତି। ସେ ଆମକୁ ରକ୍ଷା କରନ୍ତି। ଏ ଖମ୍ବ ବି ଘରକୁ ଟେକିଧରି ଆମକୁ ଖରାବର୍ଷା, ଚୋର ଭୟରୁ ରକ୍ଷା କରୁଛି। ମଦାନ୍ଧ ବା ରାଜଶକ୍ତିର ମୁଖ୍ୟାଧିକାରୀର ଅନ୍ଧ, ମୁଁ ତୋର ବାପା ମୋର ଉଚ୍ଚାରଣ ଭୁଲ ହେଲେ ବି ତୋତେ ମାନିବାକୁ ହେବ। ଏଥିରେ ସେ ବିନମ୍ରରେ ଅସ୍ୱୀକାର କରିଥିଲେ। କାରଣ ଈଶ୍ୱର ହିଁ ସତ୍ୟ।

ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ଆସୀନ। ଏ ମଧ୍ୟରେ ଜଗନ୍ନାଥଙ୍କ ବାମପଟରେ ସୁଦର୍ଶନ। ସୁଦର୍ଶନ ଦାରୁ ନିର୍ମିତ ବିଗ୍ରହ, ଯେ ଏକ ଦଣ୍ଡବୃତ୍ତି ବିଗ୍ରହ, ଯେ ଇଂରାଜୀରେ ଆଇ ଅକ୍ଷର ପରି ରହିଛନ୍ତି। ଶାସ୍ତ୍ରମତ ପ୍ରଭୁଙ୍କ ହାତର ଆୟୁଧ ସୁଦର୍ଶନ ଚକ୍ର, ମାତ୍ର ଏଠାରେ ଭକ୍ତ ଦର୍ଶନରେ ଓ ଭକ୍ତ ରକ୍ଷଣରେ ସେ ଦଣ୍ଡ ଭାବିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଚକ୍ର କେମିତି ଦଣ୍ଡ ଆକୃତିର ପୂଜିତ। ମାମେକଂ ଶରଣବ୍ରଜ। ଗୀତାରେ ଭଗବାନ ଏ କଥା ଅର୍ଜୁନଙ୍କୁ ସମ୍ମୁଖରେ ରଖି ସମସ୍ତ ଭକ୍ତମାନଙ୍କୁ ଆହ୍ୱାନ କରୁଛନ୍ତି। ପ୍ରଭୁଙ୍କ ଆୟୁଧର ବଳ ସଭିଏଁ ଜାଣନ୍ତି। ସେତ ଆଇ ଅକ୍ଷର ତାଙ୍କର ମୁଁ ତ୍ୱ କିନ୍ତୁ ବିକାରଯୁକତ, କାରଣ ସେ ହିରଣ୍ୟକଶିପୁ ରାକ୍ଷସ ମାରଣରେ ପ୍ରଭୁଙ୍କୁ ସହାୟତାରେ ନଥିଲେ। ତେବେ ସେ ହାତ ନଥିବା ଯୋଗମାୟା। ସୁଭଦ୍ରାଙ୍କର ରଥରେ ସେ ଗୁଣ୍ଡିଚା ଯାତ୍ରାରେ ବାହାରନ୍ତି ଲୋକେ ତାଙ୍କର ପହଣ୍ଡି ଦେଖନ୍ତି। ଲୋକେ ତାଙ୍କୁ ଅପୂର୍ବ କ୍ଷମତା, ଜଗନ୍ନାଥଙ୍କର ବାମାଙ୍ଗରେ ରହି ସର୍ବତ୍ର କର୍ମମୁଖର ସେ ସୁଦର୍ଶନ ଚକ୍ର ଯେ ଉତ୍ତମ ଦେଖିପାରନ୍ତି। ଦେବ ଶକ୍ତି ବିରୁଦ୍ଧାଚାରୀକୁ ସେ ସନାକ୍ତ କରନ୍ତି। ରାଜା ଅମ୍ବରୀଶଙ୍କ ଏକାଦଶୀ ବ୍ରତ ପାଳନ ବାରଣରେ ପ୍ରତିବନ୍ଧକ ସାଜିଥିବା ଦୁର୍ବାସା ପରି ସିଦ୍ଧ ଋଷିଙ୍କୁ ସେ ଛାଡ଼ି ନଥିଲେ। ଏମିତିକି ଦ୍ୱାପର ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ପୁତ୍ର ପ୍ରଦ୍ୟୁମ୍ନକୁ ନାଶ ପାଇଁ ପ୍ରୟୋଗ ପାଇଁ ଆଦେଶ ବାଧ୍ୟ ହୋଇ ମାନିଲେ ବି ଆଉ ଶ୍ରୀକୃଷ୍ଣଙ୍କ ପାଖକୁ ଫେରି ନଥିଲେ। ସେ ଅନ୍ୟାୟ ସହ୍ୟ କରିପାରନ୍ତି ନାହିଁ। ଚକ୍ର ଘୁରୁଛି, କେତେଚକ୍ର ଘୁରୁଛି ସେକେଣ୍ଡର ଚକ୍ରଥରେ ୩୬୦ ଅଂଶ ଘୁରିଲେ ମିନିଟ ଚକ୍ର ଏକ ଅଂଶ ବା ଏକ ଘଣ୍ଟା ଯାଏ। ଏମିତି କ୍ରମରେ ବର୍ଷ ସମ୍ବତ୍ସର, ଶାକାବ୍ଦ ଯୁଗରେ ଯୁଗ କଳ୍ପ କଳ୍ପ ସମୟ ମହାଚକ୍ରକୁ ଏଇ ସୁଦର୍ଶନ ଚକ୍ର ଅବଲୋକ କରିଚାଲିଛି। ତାଙ୍କର ଯେ ବିଶ୍ରାମ ନାହିଁ ଯେ ଅନ୍ୟାୟ ଅନିତି କଲା ସେ ସେ ଚକ୍ରରେ ଛେଦ ହେବ ହିଁ ହେବ। ସେ କହିପାରନ୍ତି ବଙ୍ଗଳାରେ 'ଆମାର ଆମି' ଓଡ଼ିଆରେ 'ମୋର ମୁଁ', ଏଇ ଆଇ ଅକ୍ଷର ସଦୃଶରେ ପ୍ରତିଷ୍ଠାର ସାଫଲ୍ୟ ମିଳୁଛି।

କିଏ ରହିବ ସାରା ପୃଥିବୀକୁ ଭୋଗ କରିବ, ପୃଥିବୀ ତ ଏକ ପିଣ୍ଡୁଳା ମାଟିର ପିଣ୍ଡୁଳା, କୁମ୍ଭକାର ଚକ୍ରରେ ମାଟି ପିଣ୍ଡୁଳା ଘୁରିବା ପରି ଏ ମାଟି ଘୁରୁଛି। ଏଠାରେ ସୁଦର୍ଶନଙ୍କର ଲୀଳା ରହିଛି। କୁମ୍ଭକାର ଚକ୍ର ଯେ ସୁଦର୍ଶନଙ୍କର ଧର୍ମୀ। ଭଗବାନ ଚକ୍ରୀ ଆଉ କୁମ୍ଭକାର ବି ଚକ୍ରୀରେ ଡକାପଡନ୍ତି। ମାଟି ପାଇଁ କେତେ ଝଗଡ଼ା ରକ୍ତପାତ ଚାଲି ଆସୁଛି, ଚାଲିଛି, ଚାଲିବ ଏହା ଅସରନ୍ତି। ମାଟିରୁ କେତେ ଘଟ ଏ ଘଟମାନେ ସମୟକୁ ଭାଙ୍ଗୁଛନ୍ତି ନଷ୍ଟ ହେଉଛି। ସମସ୍ତେ ଖପରା ଦେଖୁଛନ୍ତି ତଥାପି ଲୋଭ ଛାଡୁନାହିଁ। ଏକ ପେଟ ପାଇଁ କେତେ ଖାଇବେ ଏକଥା ଭାବୁନାହାଁନ୍ତି ? ଜଣେ ରାଜନେତ୍ରୀଙ୍କର ଘର ରେଡ଼ ବେଳେ ମିଳିଥିଲା ୫୦୦ ହଳ ଚପଲ ଜୋତା, ଜଣେ ଲୋକ କେତେ ବେଳେ ଏହା ପିନ୍ଧନ୍ତି। ସେ ଚାଲିଗଲାପରେ କଣ ତାଙ୍କ ଚପଲର ପଦର୍ଶନୀ ଲୋକେ ଦେଖିବେ କି ? ଏକ ଶୟନ କକ୍ଷରେ ଏକ ପଲଙ୍କ ଖଟରେ ବ୍ୟକ୍ତିର ରାତ୍ରୀଯାପନ ବିଶ୍ରାମ ତେବେ ଶହ ଶହ ଦାମୀ ପଲଙ୍କର ମାଲିକ ହୋଇ କଣ ଫାଏଦା ? ସମଗ୍ର ଭାରତ ବର୍ଷ ଜଣେ ପ୍ରଧାନମନ୍ତ୍ରୀ ଜଣେ ରାଷ୍ଟ୍ରପତି ଜଣେ ପ୍ରଧାନ ବିଚାରପତି, ଯଦି ସମସ୍ତେ ନିଜକୁ ଏ ପଦବୀ ଧାରୀ ହେବାକୁ ଚାହିଁବେ ଏହା କି ସମ୍ଭବ ? ମାଟି ଦଖଲ ଚିନ୍ତା ସହିତ ପଦବୀ ଦଖଲ ଚିନ୍ତା ଏ ପାଇଁ ତପସ୍ୟା ଦରକାର ସାଧନା ଦରକାର ଏହା ନକରି ଛନ୍ଦଣ ମନ୍ଦଣ ପଥରେ ଗଲେ ଆୟୁ ଅଛି ତ ? ଏକଥାରେ ସେହି ଭାବନା ଆଶୁଛନ୍ତି ପତଙ୍ଗ ପ୍ରଦୀପରେ ଝାସ ଦେଲାପରି ଅବସ୍ଥା ଆସୁଛନ୍ତ। ଏହା ଭନ୍ତେ ! ଟିକେ ସ୍ଥିରଚିତ୍ତ ହୁଅ ସମସ୍ତେ ସୀମାରେ ରୁହ ସେ କରନ୍ତି କରାନ୍ତି ଏହା ଦୃଢ଼ ଭାବରେ ଜାଣ ତାଙ୍କ ସୁଦର୍ଶନ ସବୁ ଦେଖୁଛି ସବୁ ଅପାର୍ଥଙ୍କୁ ଟାଳୁଛି ଟଳାଉଛି। କ୍ୟାମେରା ଅର୍ଥବ ହେଲେ ସୁଦର୍ଶନ ଅଥର୍ବ ପରି ରହିଲେ ବି ତାର କାର୍ଯ୍ୟକାରୀ ଶକ୍ତି ପ୍ରଚଣ୍ଡ। ହୁଏତ ଯୁଗର ଉଦ୍ଭବନ କେମରା ସୁଦର୍ଶନଙ୍କର ଆଦେଶ ରକ୍ଷା କରି ପୁଞ୍ଜିଭୂତ ଗୋଛା ଗୋଛା ସଂଖ୍ୟାରେ ସର୍ବତ୍ର ବର୍ତ୍ତମାନ ବିରାଜିତ ଏହି କାମେରା ଅଥର୍ବ ହେଲେ ବି ଠିକ ନ୍ୟାୟ ବିଧାନରେ ଦିନେ ଧରାପକାଇବ ଏହା ସତ୍ୟସତ୍ୟ ତ୍ରିବାର ସତ୍ୟ। ହାତେ ହାତେ କ୍ୟାମେରା ଫୋନ, ତାହା ପୁଣି ଦ୍ରୁତ ଟେଲିକାଷ୍ଟ କରିପାରୁଛି। ଏତ କରାଉଛି, ଧରା ପକାଉଛି, ଦଣ୍ଡଭୋକ୍ତା କରାଇବ ପଥା ବାହାର କରୁଛି। ଏବି ସେହି ପ୍ରଭୁ ଚକା ଆଖିଙ୍କ ଲୀଳା ତାଙ୍କ ସୁଦର୍ଶନର କାର୍ଯ୍ୟକାରୀ ଶକ୍ତି। କେହି ରକ୍ଷା ପାଇବା ସମ୍ଭବ ନୁହେଁ ଭାବନ୍ତୁ ଭାଗବତବାଣୀ କରି କରାଉଥାଏ ମୁହିଁ ମୋ ବିନୁ ଆନଗତି ନାହିଁ। ଜଗନ୍ନାଥଙ୍କ ଜଗନ୍ନାଥବାସ ଏପରି କେବେ ଠାରୁ ଲେଖିଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଗ୍ରୀଷ୍ମ କାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର



ପାରାଦୀପ, (ମହାଭାରତ) : ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗୋପବନ୍ଧୁ କ୍ରୀଡା ସଂସଦ ଆନୁକୂଲ୍ୟରେ ଗ୍ରୀଷ୍ମ କାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ୨କ୍ସ୨୫ ବର୍ଷ ମେ ମାସ ୧୫ ତାରିଖ ଠାରୁ ଜୁନ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଏହି ଗ୍ରୀଷ୍ମ କାଳୀନ ଖେଳ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଫୁଟବଲ, ଭଲିବଲ, କ୍ରିକେଟ, ହକି, ସନ୍ତରଣ ଇତ୍ୟାଦି ଖେଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ୬ ବର୍ଷରୁ ୧୬ ବର୍ଷ ପର୍ଯ୍ୟନ୍ତ ବାଳକ ଓ ବାଳିକା ସର୍ବମୋଟ ୧୭ ଜଣ ଅଂଶଗ୍ରହଣ କରିଥିଲେ। ଫୁଟବଲ ଖେଳ ପାଇଁ ପ୍ରଶିକ୍ଷକ ରବିନ୍ଦ୍ର କୁମାର ଦାସ ଓ ସଞ୍ଜିତ ଜେନା, ଭଲିବଲ ଖେଳ ପାଇଁ ସଞ୍ଜୟ କୁମାର ଦାସ ଓ ରାଜକିଶୋର ମଣ୍ଡଳ, କ୍ରିକେଟ ପାଇଁ ସୂର୍ଯ୍ୟକାନ୍ତ ଜେନା, ଅଜିତ କୁମାର ଦାସ ଓ ବିଭୁତି ବରାଳ, ସନ୍ତରଣ ପାଇଁ ସଞ୍ଜୟ କୁମାର ନାୟକ, ହକି ପାଇଁ ବିଜୟ କୁମାର ଦାସ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତେବେ ବୁଧବାର ଦିନ ଏହି ଶିବିରର ଉଦଯାପନୀ ଅବସରରେ ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଧର୍ମେନ୍ଦ୍ର ନାଥ ସୋଣ୍ଡୀ ମୁଖ୍ୟ ଅତିଥି ଏବଂ କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ର କ୍ରୀଡା ଉପଦେଷ୍ଟା ରବି ଦାସ, କ୍ରୀଡା ସଂସଦ ର ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ସହ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ କୋଚ ସଞ୍ଜୟ କୁମାର ଦାସ ଓ କ୍ରୀଡା ସଂସଦ ର ସଦସ୍ୟ ବିପ୍ଳବକୁମାର ଜେନା, ବିଶ୍ୱରଞ୍ଜନ ଦାସ, ଲିତାରାମ ହାବ୍ରୁ, ଶିଶିର କୁମାର ପତି ପ୍ରମୁଖ ଏହି ଉଦଯାପନୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ସର୍ବଶେଷରେ କ୍ରୀଡା ଉପଦେଷ୍ଟା ରବି ଦାସ ସମସ୍ତ ପ୍ରଶିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ସମେତ ଏହି ପ୍ରଶିକ୍ଷଣ ରେ ସକ୍ରିୟ ସହଯୋଗ ଓ ଏହାର ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ଅବସର କାଳୀନ ସମ୍ବର୍ଦ୍ଧନା

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଶିକ୍ଷକ କାର୍ଯ୍ୟାଳୟ ଅଧୀନରେ ଥିବା ଗୁମି କ୍ଲଷ୍ଟର କାଳିଆମ୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳନ୍ଧର ସେଠି ୩୧. ୦୫. ୨୦୨୫ ଶନିବାର ସେ ଚାକିରୀରୁ କାଳରୁ ଅବସର ନେଇଛନ୍ତି । ଗତ ମଙ୍ଗଳବାର ଦିନ ଏହି ପରିପ୍ରେକ୍ଷୀରେ ଗୁମି କ୍ଲଷ୍ଟର ସି ଆର ସି ସି ବେଣୁଧର ମଲିକ ଙ୍କ ଆବାହନରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ସେଠି ଯୋଗଦେଇ ପ୍ରଧାନ ଶିକ୍ଷକ ଜଳନ୍ଧର ସେଠି ଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସେଠି ତାଙ୍କ ଚାକିରୀ କାଳରେ ଜଣେ ଭଲ ଶିକ୍ଷାବିତ, ଛାତ୍ରବତ୍ସଳ, ମେଳାପୀ, ମିଷ୍ଟଭାସି ଓ ପରୋଉପକାରୀ ବୋଲି ସମସ୍ତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଶିବରାମ ନୋଡାଲ ବନ୍ତଳା କ୍ଲଷ୍ଟର ସି ଆର ସି ସି ବୀରକିଶୋର ବଳବନ୍ତସିଂ, ଶିକ୍ଷକ ଗିରୀଶ ଚନ୍ଦ୍ର ସାହୁ, ସରୋଜ କୁମାର ଆଚାରୀ, ପ୍ରଫୁଲ୍ଲ କୁମାର ସାହୁ, ମହେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଗୁମି ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ।

## ରାଇରଙ୍ଗପୁରରେ ରାଜ୍ୟ ପଞ୍ଚାୟତ ରାଜ ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



ରାଇରଙ୍ଗପୁର, (ମହାଭାରତ) : ରାଜ୍ୟ ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ପ୍ରଥମ ଥର କରି ରାଇରଙ୍ଗପୁର ଗସ୍ତ କରି ଫେରି ଯାଇଛନ୍ତି । ବୁଧବାର ଦିନ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗରେଲା ଦଳୀୟ ନେତୃବୃନ୍ଦ ଏବଂ କର୍ମୀଙ୍କ ସହ ଅଂଚଳର ସମସ୍ୟା ଓ ବିକାଶ ଉପରେ ଆଲୋଚନା କରିଥିଲେ । ପରେ ପୂର୍ବାହ୍ନ ୯ ଘଟିକା ରେ ବହଳଦା ବ୍ଲକର ଗମ୍ଭାରିଆ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଏକ ଅମୃତ ସରୋବର ପ୍ରକଳ୍ପ କାର୍ଯ୍ୟ ଦେଖିବାକୁ ଯାଇଥିଲେ । କିନ୍ତୁ ସେଠାକାର କାମରେ ଶ୍ରମିକ ମାନଙ୍କର ଶ୍ରମ କାର୍ଡ ପଞ୍ଜିକୃତ ହୋଇ ନ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ତୁରନ୍ତ ଶ୍ରମିକ ମାନଙ୍କୁ ଶ୍ରମ କାର୍ଡ ଦେବାପାଇଁ ତାଗିଦ୍ କରିଥିଲେ । ଏହି ସରକାର ଲୋକଙ୍କ ଓ ଶ୍ରମିକଙ୍କ ସରକାର । ଶ୍ରମ କାର୍ଡ ଥିଲେ ପରିବାର ଲୋକେ ଆର୍ଥିକ ଲାଭାନ୍ୱିତ ହେବା ସହ ଛୁଆ ପିଲାଙ୍କ ପାଠପଢା, ବିବାହ ଖର୍ଚ୍ଚ, ଦୁର୍ଘଟଣା ଜନିତ କ୍ଷୟକ୍ଷତି ପାଇଁ ପାରିବେ । ପରେ ସେ ରାଇରଙ୍ଗପୁର ବ୍ଲକର ଆନନ୍ଦପୁର ଗ୍ରାମ ନିକଟରେ ଏକ ନିର୍ମାଣାଧୀନ ନିକଟ ଦେଖିଥିଲେ । ପରେ ମହିଳା ଗ୍ରାମରେ ଏଲ ଏଣ୍ଟ ଟି ପ୍ରକଳ୍ପ ଦ୍ୱାରା ୱାଟାର ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହିତ ସିଧାସିଧି ପାନୀୟ ଜଳ ଉପରେ ବିଭିନ୍ନ ପ୍ରଶ୍ନ କରିଥିଲେ । ଗ୍ରାମବାସୀ ଦିନକୁ ଥରେ ପାଣି ପାଉଛନ୍ତି ଯାହାକି ସେମାନଙ୍କୁ ନିଅଣ୍ଟ । ପାଣି ସଙ୍କଟ ଦେଖା ଯାଉଛି । କେତୋଟି ଗ୍ରାମକୁ ମଧ୍ୟ ପାଣି ଯାଉନାହିଁ ବୋଲି ମହିଳାମାନେ କହୁଥିଲେ । ମନ୍ତ୍ରୀ ଗ୍ରାମବାସୀ କିଭଳି ଦିନକୁ ୨ ଓଳି ପାଣି ପାଇବେ ତାହା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦସହ ଦାଣ୍ଡବୋଷ ପାଖରେ ଆଉ ଗୋଟିଏ ନିକଟ ଏଲ ଏଣ୍ଡଟି ପ୍ରକଳ୍ପ ନିର୍ମାଣ ହେଉଛି । ତାହା ନିର୍ମାଣ ହେଲେ ରାଇରଙ୍ଗପୁର ବ୍ଲକର ଜଳ ସମସ୍ୟା ଦୂର ହେବ ବୋଲି କହିଥିଲେ । ମନ୍ତ୍ରୀଙ୍କ ସହ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ,ବିଧାୟକ ଜଲେନ ନାଏକ, ମୟୂରଭଞ୍ଜ ପିଡି ଧର୍ମାନନ୍ଦ ବେହେରା , ରାଜ୍ୟ ଆରଡବ୍ଲ୍ୟୁ ଏସ ଏସ ଚିଫ୍ ଇଞ୍ଜିନିୟରି ଇଂ ରତ୍ନାକର ଶିଅଳ, ରାଇରଙ୍ଗପୁର ଆରଡବ୍ଲ୍ୟୁଏସଏସ ର ମୁଖ୍ୟ ଯନ୍ତ୍ରୀ ଇଂ ଶ୍ରୀକାନ୍ତ ରାଉତ,ଏସଡିଓ ଅଭିମନ୍ୟୁ ଜେନା ଏବଂ ସମସ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିଲେ ।

## ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟଣା: ବିବାଦୀୟ ଡାକ୍ତର ନିଲମ୍ବିତ






ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ରୁ ଗର୍ଭବତୀ ମହିଳା ଙ୍କ ମୃତ୍ୟୁ ଘଟଣା। ବିବାଦୀୟ ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ନିଲମ୍ବିତ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି। ଗତ ୧ ତାରିଖ ଦିନ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଙ୍କ ଅବହେଳା ପାଇଁ ପ୍ରସବ ଯନ୍ତ୍ରଣାରେ ବାଲୁଗାଁ ର ମମତା ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା। ୩୦ ହଜାର ଟଙ୍କା ନଦେବାରୁ ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ବାଲୁଗାଁ ର ପ୍ରସବ ପାଇଁ ଆସୁଥିବା ମମତା ସ୍ୱାଇଁଙ୍କୁ ସଠିକ୍ ଭାବରେ ଚିକିତ୍ସା କରିନଥିବା ଫଳରେ ମମତା ଙ୍କ ମୃତ୍ୟୁ ହୋଇଥିବା ନେଇ ମମତା ଙ୍କ ସ୍ୱାମୀ ସଞ୍ଜୟ କୁମାର ନାୟକ ନୟାଗଡ଼ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ମମତା ପ୍ରସବ ବେଦନାରେ ବହୁ ସମୟ ଧରି ଛଟପଟ ହୋଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ଚିକିତ୍ସା କରିନଥିବା ରୁ ତାଙ୍କ ସ୍ତ୍ରୀ ମମତା ଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣା କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ସାତ ଘଣ୍ଟା ରୁ ଊର୍ଦ୍ଧ ସମୟ ହେବ ଉତେଜନା ଲାଗି ରହିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶାନ୍ତି ଶୃଙ୍ଖଳା ପାଇଁ ନୟାଗଡ଼ ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ମମତା ଙ୍କ ପରିବାର ବର୍ଗ ଏବଂ ସ୍ଥାନୀୟ ବିଜେପି ନେତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆନ୍ଦୋଳନ ପରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିବାଦୀୟ ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ଙ୍କୁ ବଦଳି କରାଯାଇଥିଲା। ଆଜି ବିବାଦୀୟ ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି।

## ବାଜିରେ ଲୋକଙ୍କ ଜୀବନ: ବିଶୁଦ୍ଧ ନାଁ ରେ ବଜାରରେ ମିଳୁଛି ନକଲି ପିଇବା ପାଣି

ଖୋର୍ଦ୍ଧା, (ମହାଭାରତ): ଖରା ବଢିବା ସାଙ୍ଗକୁ ବଜାର ରେ ପିଇବା ଥଣ୍ଡା ପାଣି ର ଚାହିଦା ମଧ୍ୟ ବଢିଛି । ଏଥିପାଇଁ ଏବେ ଗ୍ରାମାଂଚଳରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନ ରେ ମିଳୁଛି ପାଣି ବୋତଲ । ଏପରିକି ସହରର ବିଭିନ୍ନ ସ୍ଥାନରେ ବେଆଇନ ପାଣି କାରଖାନା ଗଢି ଉଠିଛି । ଖୋର୍ଦ୍ଧା ସହରର ସାହି ସାହିରେ ଏହା କୁଟୀର ଶିଳ୍ପ ରେ ପରିଣତ ହୋଇଛି । ମିଳୁଥିବା ପାଣି ର ମୂଲ୍ୟ ନାମୀଦାମୀ କମ୍ପାନିର ର ପାଖାପାଖି । କିନ୍ତୁ କେବେ ତିଆରି ହୋଇଛି, କେତେ ଯାଏଁ ତା'ର ବୈଧତା ଅଛି, ବୋତଲ ବା ଜାର୍ ରେ ତା'ର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି । ପାଣିର ସ୍ୱାଦ ବି ସେମିତି ଭଲ ନୁହେଁ । ଏହି ବୋତଲ ବା ଜାର୍ ପାଣି କିଛି ଅଂଶ ରେ କମ୍ ଦାମରେ ଓ ସୁବିଧାରେ ସବୁଠି ଉପଲବ୍ଧ ହେଉଥିବାରୁ ସବୁ ବର୍ଗର ଲୋକଙ୍କଠାରେ ଏହା ବେଶ ଆଦୃତ ହେଉଛି । ବଜାରରେ ପୁଳାପୁଳା ଏମିତି ନକଲି ପାଣି ବୋତଲ ବା ଜାର୍ ମିଳୁଛି । କିନ୍ତୁ ଏହି ପାଣି ଉପଯୁକ୍ତ ମାନର କି ନୁହେଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ଯେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନ କରିବ, ତାହାକୁ ଏଡାଇ ଦିଆଯାଇନପାରେ । ପ୍ରକାଶ ଥାଉକି, ବର୍ତ୍ତମାନ ବଜାରରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣି ବୋତଲ ଓ ଜାର୍ ଲୋକଙ୍କ ପାଇଁ ଏକ ସୁବିଧା ପାନୀୟ ଜଳ ମାଧ୍ୟମ ପାଲଟିଛି । ଫଳରେ ବିଭିନ୍ନ ନାମୀଦାମୀ କମ୍ପାନି ସହ କିଛି ଅନାମଧେୟ କମ୍ପାନି ମଧ୍ୟ ଏହାକୁ ପ୍ରସ୍ତୁତ କରି ବଜାରରେ ବିକ୍ରି ପାଇଁ ଛାଡୁଛନ୍ତି । ଏହାକୁ ପ୍ରସ୍ତୁତ ପାଇଁ ବିଦ୍ଧିବଦ୍ଧ ନିୟମ ଥିଲେ ହେଁ ବଜାରରେ ଉପଲବ୍ଧ ଅଧିକାଂଶ ପାଣି ବୋତଲ ଓ ଜାର୍ ଉତ୍ପାଦନ କମ୍ପାନି ଉକ୍ତ ନିୟମର ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହେଉଛି । ସେହିପରି ଘରୋଇ ବିଦ୍ୟୁତ୍ ସଂଯୋଗରେ ଏଭଳି କୁଟୀର ଶିଳ୍ପ ଚାଲିବା ସହ ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ ଫାଙ୍କୁଥିଲେ ମଧ୍ୟ ଏହା ଉପରେ ବିଭାଗ ଦୃଷ୍ଟି ନଦେବ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁସାରେ, ମିନେରାଲ୍ ୱାଟର ତିଆରି ପାଇଁ କେତେକ ପରୀକ୍ଷାନିରୀକ୍ଷା କରାଯାଏ । ପାଣିକୁ ପ୍ରଥମେ ଭଲ ଭାବେ ବିଶୋଧନ ଓ ଜୀବାଣୁମୁକ୍ତ କରାଯାଏ । ୟୁଭି(ଅଲଟ୍ରା ଭାଓଲେଟ୍), ଓଜୋନ୍ ଏବଂ ଆରଓ(ରିଜର୍ଭ ଓମୋସିସ୍) ପ୍ରକ୍ରିୟା କରାଯାଏ । ପାଣି ବଜାରକୁ ଛଡ଼ାଯିବା ପୂର୍ବରୁ ଏହାକୁ ଭଲ ଭାବେ ପରୀକ୍ଷା କରାଯାଏ । ଏଥିସହିତ ପାଣି ଉତ୍ପାଦନ କମ୍ପାନି ଆଇଏସ୍ଆଇ ମାର୍କ ପାଇବା ସହ ଭାରତୀୟ ଖାଦ୍ୟ ନିରାପତା ଓ ମାନ କର୍ତ୍ତୃପକ୍ଷ (ଫୁଡ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ) ସହିତ ସ୍ଥାନୀୟ ପ୍ରଶାସନ ଠାରୁ ଏହି ବ୍ୟବସାୟ ଲାଗି ଅନୁମତି ନେବା ବାଧ୍ୟତାମୂଳକ ରହିଛି । ପ୍ରସ୍ତୁତ ପାଣି ବୋତଲ ବା ଜାର୍ ଉପରେ ବ୍ୟାଚ୍ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବୋତଲ ବା ଜାର୍ ର ପ୍ୟାକିଂ ହୋଇଥିବା ପାଣି କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ମଧ୍ୟ ଉଲ୍ଲେଖ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ମାତ୍ର ବଜାରରେ ଉପଲବ୍ଧ ନକଲି ଜାର୍ ପାଣି ଉପରେ ଉତ୍ପାଦନ ତାରିଖ କି ଅବଧି ଶେଷ ର ତାରିଖ ଲେଖା ହେଉନି । ଏପରିକି କେଉଁ ତାରିଖରେ ତାହା ପ୍ୟାକିଂ ହୋଇ କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ଗ୍ରାହକମାନେ ଜାଣିବା ଅତ୍ୟନ୍ତ କଷ୍ଟକର ହୋଇ ପଡୁଛି । ତଥାପି ଶୋଷ ମେଂଟାଇବା ପାଇଁ ଏଭଳି ପାଣି କିଣିବାକୁ ବାଧ୍ୟ ହେଉଛନ୍ତି । ବିଶେଷଜ୍ଞଙ୍କ ମତରେ, ନିମ୍ନମାନର ପାନୀୟ ଅନେକ ପେଟ ରୋଗ ସହ ମାରାତ୍ମକ ରୋଗର କାରଣ ହୋଇପାରେ । ଯାହା ସ୍ୱାସ୍ଥ୍ୟାବସ୍ଥା ବିଗାଡ଼ି ଦେଇପାରେ । ଏଭଳି ପାନୀୟଠାରୁ ସବୁବେଳେ ଦୂରରେ ରହିବା ଦରକାର । ତେଣୁ ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ୍ ପାଣି କାରଖାନା ରେ ଚଢଉ କରାଯାଇ ଏହାର ଉତ୍ପାଦନରେ ସଠିକ ମାନ ରକ୍ଷା କରାଯିବା ସହ ବଜାରରେ ବିକ୍ରୀ ହେଉଥିବା ପାଣିର ପରୀକ୍ଷା କରିବା ଦିଗକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ବୋଲି ସାଧାରଣରେ ଦାବୀ ହେଉଛି ।



## ସରଦେଇପୁର-ନିମାପଡା ରାସ୍ତା କାର୍ଯ୍ୟ ନିମ୍ନମାନର ଓ ବିଳମ୍ବର କାରଣ କଣ ?

ବାଲିପାଟଣା, (ମହାଭାରତ): ପୂର୍ତ୍ତ ବିଭାଗ ଅଧିନ ସରଦେଇପୁର-ନିମାପଡା ଚାରିଥାକିଆ ରୋଡ଼ କାମ ଚାଲିଥିବା ବେଳେ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏପରିକି କୋଟି କୋଟି ବ୍ୟୟରେ ହେଉଥିବା ଏହି କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି ଏଭଳି କାମ ହୁଏ ଖୁବ କମଦିନରେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ । ପ୍ରକାଶଥାଉକି ସାମ୍ପ୍ରତିକ ଜନସଂଖ୍ୟା ବୃଦ୍ଧି ଏବଂ ଯାନବାହାନ ଗୁଡିକର ଅଧିକ ବ୍ୟବହାର ଯୋଗୁଁ ଗମନାଗମନର ସୁବ୍ୟବସ୍ଥା ନିମନ୍ତେ ଏହି ରାସ୍ତାକୁ ୪ ଥାକିଆ କରାଯିବା ପାଇଁ ଯୋଜନା କରାଯାଇଛି । ଏଥିପାଇଁ ଠିକାପ୍ରସ୍ତାବ ଗୃହିତ ହୋଇ ୨୦୨୩ ଏପ୍ରିଲ ୧୯ ରେ ଶିଳାନ୍ୟାସ କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଦୁଲ୍ଲାଦେବୀ ମନ୍ଦିରରୁ ମଞ୍ଜରୀଦେବୀ କଲେଜ ପର୍ଯ୍ୟନ୍ତ ୧୨୦୦ ମିଟର ଏବଂ ବୁଦ୍ଧିପଡ଼ା ଛକରୁ ବାଲିପାଟଣା ପ୍ରାୟ ୬. ୫୦୦ କିମି ରାସ୍ତା ୪ ଥାକିଆ ହେବାପାଇଁ ଯୋଜନା ରଖାଯାଇଛି । ଏଥିପାଇଁ ପାଖାପାଖି ୪୦ କୋଟି ଟଙ୍କା ବ୍ୟବରାଦ କରାଯାଇଛି । କେ ବି ଏମ କନଷ୍ଟ୍ରକ୍ସନ ନାମକ ଏକ ଠିକାସଂସ୍ଥା ଏହାର କାର୍ଯ୍ୟଭାର ନେଇଛି । ସେହି ଅନୁସାରେ ଏହି ରାସ୍ତା ପ୍ରଶସ୍ତୀକରଣ କରାଯାଉଛି କ୍ଷ ଆବଶ୍ୟକ ସ୍ଥଳେ ଗଛଗୁଡିକ କଟା ଯାଉଛି ଏବଂ ଜବରଦଖଲ ଉଚ୍ଛେଦ କରାଯାଇଛି । କିଛି ଜବରଦଖଲ ଉଚ୍ଛେଦ ଏବଂ ଗଛ କାଟିବାରେ ସମସ୍ୟା ଦେଖାଦେଇଥିବାରୁ କାମ ଆଗେଇପାରୁନାହିଁ ବୋଲି ଜଣାପଡିଛି । ବର୍ତ୍ତମାନ ଏହି ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନେ ସ୍ଥାନେ ପିଚୁ କରାଯାଇଛି । ବାଲିପାଟଣା ଛକରୁ ବିଶ୍ୱନାଥପୁର ଏବଂ ବୁଦ୍ଧିପଡ଼ା ଛକ ନିକଟରୁ ଶିଶିଲୋ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କରାଯାଇଛି । ସେହିପରି ଆବଶ୍ୟକ ସ୍ଥଳେ କଲଭର୍ଟ ନିର୍ମାଣ କରାଯାଉଛି । ମାତ୍ର ଏଗୁଡିକ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ବାଳକାଟି ଦୁଲ୍ଲାଦେବୀ ମନ୍ଦିର ନିକଟରୁ ମଞ୍ଜରୀ ଦେବୀ କଲେଜ ପର୍ଯ୍ୟନ୍ତ କେବଳ ଡଷ୍ଟ ପଡିକି ରହିଛି । ଏହି ରାସ୍ତା ପାର୍ଶ୍ୱରେ ଥିବା କିଛି ଗଛ କଟାଯାଇନଥିବା ବେଳେ ଜବରଦଖଲ ଉଚ୍ଛେଦ ହୋଇନାହିଁ । ଯାହାଦ୍ୱାରା ରାସ୍ତା କାମରେ ବାଧା ସୃଷ୍ଟି ହୋଇଛିକ୍ଷଅନ୍ୟପଟେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷହେବାର ଅବଧି ଚଳିତ ବର୍ଷ ଡିସେମ୍ବରକୁ ଥିବା ବେଳେ ଏହି ସମୟରେ ସମ୍ପୂର୍ଣ୍ଣ ହେବ ନା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି । ସେହିପରି ଦେଖିବାକୁ ଗଲେ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ । ରାସ୍ତାରେ ପଡୁଥିବା ଡଷ୍ଟ ଗୁଡିକ ସିମେଣ୍ଟ ଭାଗ କମ ରହୁଥିବା ବେଳେ ସେଗୁଡିକ ଖୁବ କମ ଦିନରେ ନଷ୍ଟ ହେଉଥିବା ଦେଖାଯାଇଛି । ସେହିପରି ଯେଉଁ ରାସ୍ତା ଗୁଡିକ ପିଚୁ ହୋଇଛି ସଠିକ ଭାଗମାପ ନ ହେବାରୁ ସେଗୁଡିକ ଖୁବକମ ଦିନରେ ନଷ୍ଟ ହେବାରେ ଲାଗିଛି । ଏପରିକି କିଛି ସ୍ଥାନରେ ପିଚୁ ଉଠିଯାଇଥିବା ଦେଖାଯାଇଛି । ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣ ହେଉଥିବା କିଛି କଲଭର୍ଟ କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଏପରିକି ରାସ୍ତା ନିର୍ମାଣ ନିମନ୍ତେ ପଡୁଥିବା ମାଟି ମଧ୍ୟ ଅତି ନିମ୍ନମାନର ହେଇଥିବାରୁ କମ ବର୍ଷାରେ ଧୋଇ ଯାଉଥିବା ଦେଖାଯାଉଛି । ସେହିପରି ବ୍ୟୟ ଅଟକଳ ଅନୁସାରେ କାମ ହେଉନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ସମ୍ପୃକ୍ତ ଠିକାଦାରଙ୍କ ଲାଭଖୋର ଏବଂ ଆନ୍ତରିକତା ମନୋଭାବ ଯୋଗୁଁ ଏହି ରାସ୍ତା କାମ ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମାତ୍ର ଏଭଳି କାମ ଚାଲିଥିଲେ ମଧ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନେ କୌଣସି ଦିନ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି । ଫଳରେ କାମ ପାଇଥିବା ଠିକାଦାର ମନଇଚ୍ଛା କାମ କରୁଥିବା ଲୋକେ କହିଛନ୍ତି ଓ ପ୍ରସାସନ,,ଠିକାଦାର ବାବୁ ଙ୍କ ମଧୁ ଚନ୍ଦ୍ରିକା ଜଣା ପଡିଚି ! ପ୍ରକାଶଥାଉକି ଏହି ରାସ୍ତା ଉପରେ ୩ଟି ନିର୍ବାଚନମଣ୍ଡଳୀ ଏବଂ ୫ ଗୋଟି ବ୍ଲକର ହଜାର ହଜାର ଲୋକେ ନିର୍ଭର କରିଥିବା ବେଳେ ଏହି ରାସ୍ତା କାମ ଉତ୍ତମଧରଣର କରିବା ପାଇଁ ବିଭାଗ ନିକଟରେ ଦାବି ଜଣାଇଛନ୍ତି ବୁଦ୍ଧିଜୀବୀ, ବରିଷ୍ଠ ନାଗରୀକ ଏବଂ ଅଞ୍ଚଳବାସୀ । ଏନେଇ ବିଭାଗୀୟ ଯନ୍ତ୍ରୀ ନବଘନ ବେହେରା କହିଛନ୍ତି ଅଭିଯୋଗ ଆସିଲେ ନିଶ୍ଚିତ ପଦକ୍ଷେପ ନିଆଯିବ ।

## ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଲିକ୍: ୪ ଅସୁସ୍ଥ

ପାରାଦୀପ, (ମହାଭାରତ) : ପାରାଦୀପ ଉପକଣ୍ଠରେ ଥିବା ପାରାଦୀପଗଡ ଇଣ୍ଡଷ୍ଟ୍ରିୟାଲ ଏରିଆରେ ଥିବା ଏକ ଆଇସ୍ ଫ୍ୟାକ୍ଟ୍ରିରୁ ବୁଧବାର ଦିନ ଆମୋନିଆ ଗ୍ୟାସ୍ ଲିକ୍ ହେବାରୁ ୪ଜଣ ଅସୁସ୍ଥ ହୋଇ ପଡିଥିବା ଜଣାପଡିଛି । ଘଟଣାରୁ ପ୍ରକାଶଯେ, ବୁଧବାର ଦିନ ପୂର୍ବାହ୍ନରେ ପାରାଦୀପଗଡ ଇଣ୍ଡଷ୍ଟ୍ରିୟାଲ ଏରିଆରେ ଥିବା ପାରାଦୀପ ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା । ଆମୋନିଆ ଗ୍ୟାସ୍ ଲିକ୍ ହେବା ପରେ ଏହାର ପ୍ରଭାବରେ ସ୍ଥାନୀୟ ଅଂଚଳର ଲୋକମାନଙ୍କର ଆଖି, ନାକ ପୋଡିବା ଆରମ୍ଭ ହୋଇଥିଲା । ଲୋକମାନେ ଜୀବନ ବିକଳରେ ନାକରେ ଗାମୁଛା, ଲୁଗା ଦେଇ ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା । କମ୍ପାନୀ ମଧ୍ୟରେ ଥିବା ଆମୋନିଆର ହୋସ୍ ପାଇପ୍ ଫାଟି ଯିବାରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ଜଣା ପଡିଛି । ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ସମେତ ଇଫକୋ ଓ ପିପିଏଲ୍ ସାର କାରଖାନାର ଅଗ୍ନିଶମ ବାହିନୀର ଗାଡି ସହିତ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଂଚି ଗ୍ୟାସ୍ ଲିକ୍‌କୁ ନିୟନ୍ତ୍ରଣ କରିଥିଲେ । ମଙ୍ଗଳବାର ରାତିରେ ଆଇସ ଫ୍ୟାକ୍ଟ୍ରି ପକ୍ଷରୁ ୮ଟି ଆମୋନିଆ ଟାଙ୍କି ଅଣାଯାଇଥିଲା । ଏହି ଟାଙ୍କି ଗୁଡିକ ମଧ୍ୟରୁ ଗୋଟିଏ ଟାଙ୍କିର ହୋସ୍ ପାଇପ୍ ଫାଟି ଗ୍ୟାସ ଲିକ୍ ହୋଇଥିଲା । ଏହି ଟାଙ୍କିକୁ ଏକ ପାଣି ଖାଲରେ ପକାଇ ପାଣି ସ୍ପ୍ରେ କରାଯାଇଥିଲା । ପରେ ଅନ୍ୟ ଏକ ଟାଙ୍କିରେ ପାଖାପାଖି ୮ଇଂଚର ଫାଟ ହୋଇଥିବା ଦେଖିବାକୁ ମିଳିଥିଲା । ଯାହାକୁ ପାଣି ମାରି ଲିକେଜ୍‌କୁ ନିୟନ୍ତ୍ରଣ କରାଯାଇଥିଲା । ଘଟଣାସ୍ଥଳରେ ପାରାଦୀପ ଏଡିଏମ, ଏଏସପି, ଲକ୍ ଥାନା ଅଧିକାରୀ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।



## ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କର ନୂତନ କୋଠାକୁ ବ୍ୟାଙ୍କ ସ୍ଥାନାନ୍ତର ହେବ କେବେ ?

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରାଜ୍ ଦାଣ୍ଡରେ ଥିବା ବ୍ରହ୍ମ ପୁର ସମବାୟ କେନ୍ଦ୍ର ବ୍ୟାଙ୍କ ରହିଛି । ଏହାର ନୂତନ କୋଠା ଘର ନିର୍ମିତ ହୋଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ନୂତନ କୋଠା ଗୃହକୁ ବ୍ୟାଙ୍କ ସ୍ଥାନାନ୍ତର ହୋଇପାରି ନାହିଁ । ଏହି ବ୍ୟାଙ୍କକୁ ନିଜର କାର୍ଯ୍ୟ ସକାଶେ ପ୍ରତିଦିନ ଚାଷୀ ଠାରୁ ଆରମ୍ଭ କରି ଜନ ସାଧାରଣ ଆସିଥାନ୍ତି । ନୂତନ କୋଠାକୁ ସ୍ଥାନାନ୍ତର ହେଲେ ଆନୁସଙ୍ଗିକ ସୁବିଧା ହୋଇପାରିବ ବୋଲି ଆଶା କରାଯାଉଛି । କୃଷକ ସଙ୍ଗଠନ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ତୁରନ୍ତ ନୂତନ କୋଠାକୁ ବ୍ରହ୍ମପୁର ସମବାୟ ବ୍ୟାଙ୍କ ସ୍ଥାନାନ୍ତର କରାଯାଉ ନଚେତ ସଂଘଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ରଥଯାତ୍ରା ପ୍ରସ୍ତୁତି ବୈଠ: ଡ୍ରୋନ୍ କ୍ୟାମେରା ନଜରରେ ରହିବ ସହର



ନୟାଗଡ଼, (ମହାଭାରତ) : ଚଳିତ ବର୍ଷ ନୟାଗଡ଼ରେ ଶ୍ରୀଗୁଣ୍ଡିଚା ରଥଯାତ୍ରାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାର୍ଲୋ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ କହିଲେ ଯେ, ଚଳିତ ବର୍ଷ ରଥଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ । ଏଥରର ରଥଯାତ୍ରାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି । ଏହି ଯୋଜନାକୁ ପୂରଣ କରିବାକୁ ହେଲେ କେବଳ ପ୍ରଶାସନିକ ସ୍ତରରେ ନୁହେଁ ସମସ୍ତେ ସହଯୋଗ କରିବା ଆବଶ୍ୟକ । ଜିଲ୍ଲା ପରିଷଦ ସଭାପତି ମଧ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଦେବୋତ୍ତର ବିଭାଗ ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ପୂର୍ତ୍ତ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଟି ରଥ ନିର୍ମାଣ କରାଯିବା ସହ ଦୁଇ ଦିନ ଧରି ରଥ ଟଣାଯିବାକୁ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶ୍ରୀବଳଦେବ ଜିଉଙ୍କ ତାଳଧ୍ୱଜ ରଥ ଟଣାଯାଇ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ସହ ସୁଭଦ୍ରାଙ୍କ ଦର୍ପଦଳନ ଓ ଶ୍ରୀଜଗନ୍ନାଥ ଜିଉଙ୍କ ନନ୍ଦିଘୋଷ ରଥ ଟଣା ହୋଇ ଯଥାକ୍ରମେ ହନୁମାନ ମନ୍ଦିର ଓ ନବଲାଲ ମଠ ପାଖା ପାଖି ରଖାଯିବା ବ୍ୟବସ୍ଥା ରହିଛି । ପରମ୍ପରା ଅନୁଯାୟୀ, ସୂର୍ଯ୍ୟାସ୍ତ ପୂର୍ବରୁ ରଥ ଟଣାଯିବା ପାଇଁ ଏହି ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ ପାଇଁ ପୁଲିସ ମୁତୟନ କରାଯିବା ସହ ଏନ୍ ?ସିସି ସ୍ୱେଚ୍ଛାସେବୀ ଓ ଜାତୀୟ ଯୁବ ସ୍ୱେଚ୍ଛାସେବୀ ମାନଙ୍କ ସହାୟତା ନିଆଯିବ । ଏହା ସହ ଛିନତାଇ, ଅସଦାଚରଣ ଓ ଅନ୍ୟାନ୍ୟ ଅପରାଧ ରୋକିବା ପାଇଁ ଅଧିକ ରୁ ଅଧିକ ଅସ୍ଥାୟୀ ସିସିଟିଭି ସହ ଡ୍ରୋନ୍ କ୍ୟାମେରା ଉଡ଼ାଇବାର ବ୍ୟବସ୍ଥା କରା ?ଯିବ । ଏ ସମସ୍ତ ଘଟଣା ଉପରେ ନଜର ରଖିବା ପାଇଁ ନିୟନ୍ତ୍ରଣ କକ୍ଷରେ ବ୍ୟବସ୍ଥା କରାଯିବ । ଏହା ସହ ରଥ ଉପରକୁ ଯିବା ହେଉ ଅବା ରଥଯାତ୍ରା ସହ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ପାସ୍ ? ଯୋଗାଇ ଦିଆଯିବ । ଯେଉଁ ମାନଙ୍କୁ ପାସ୍ ? ଦିଆଯିବ, ଏହାର ତାଲିକା ପୁଲିସ ପ୍ରଶାସନକୁ ପ୍ରଦାନ କରାଯିବ । ଜଗନ୍ନାଥ ମନ୍ଦିରରେ ଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଅନୁଷ୍ଠାନ ଓ ସେବାୟତ ଆଲୋଚନା କରିଥିଲେ । ବିଶେଷ କରି ରୋଷେଇ ଘରର ମରାମତି ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନୟାଗଡ଼ ପୌରାଧ୍ୟକ୍ଷାଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ସୂଚନା କେନ୍ଦ୍ରରେ ରଥଯାତ୍ରା ଓ ବାହୁଡ଼ା ଦୁଇ ଦିନ ଧରି ଧାରାବିବରଣୀ ପ୍ରଚାର ପ୍ରସାର କରାଯିବାକୁ ସ୍ଥିର କରାଯାଇଛି । ପରିଷ୍କାର ପରିଚ୍ଛନତା, ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଆର୍ଥିକ ଅନୁଦାନ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଦେବୋତ୍ତର ବିଭାଗ, ବୁଦ୍ଧଜୀବୀ ମାନେ ଯୋଗ ଦେଇଥିଲେ ।

## ଗ୍ୟାସରେ ପୋଡ଼ି ହୋଇ ବ୍ୟକ୍ତି ଗୁରୁତର

ପାଟଣା:-(ମହାଭାରତ) ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ବ୍ୟକ୍ତି ଜଣକ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପୁଟୁଳିଆ ଗ୍ରାମର ରମେଶ ଚନ୍ଦ୍ର ମହାନ୍ତ ବୋଲି ଜଣାପଡିଛି। ସୂଚନା ରୁ ପ୍ରକାଶ ସେଇ ନୂତନ ଗ୍ୟାସ ସିଲିଣ୍ଡର ଆଣି ଥିଲେ। ଗ୍ୟାସ ସିଲିଣ୍ଡର ରେ ରେଗୁଲେଟ ଲାଗିବା ସ୍ଥାନ ରେ ଲିକ୍ ରହିଥିବା ବେଳେ ରମେଶ ରେଗୁଲେଟ ଟି ଲଗାଇ ଚୂଲି ରେ ନିଆଁ ଲଗାଇ ସମୟରେ ନିଆଁ ଟି ଚୂଲି ରୁ ସିଧା ଗ୍ୟାସ ସିଲିଣ୍ଡର କୁ ଚାଲିଯାଇ ଥିଲେ। ଫଳ ରେ ନିଆଁ ରମେଶ ଙ୍କ ମୁଣ୍ଡ ଓ ହେହ ରେ ଲାଗିଯିବା ରୁ ପରିବାର ଲୋକେ ନିଆଁ ରୁ ଉଦ୍ଧାର କରି ଗୁରୁତର ଅବସ୍ଥା ରେ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରି ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସା ରୁ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇ ଥିବା ଜଣାପଡି ଛି।

## ବିଜେପି ପକ୍ଷରୁ ଗୋପୀନାଥପୁର ଠାରେ ସାମ୍ବାଦିକ ସମ୍ମିଳନୀ



ଲାଞ୍ଜିଗଡ (ମହାଭାରତ)-ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଦଳର ନେତା ଓ କର୍ମୀମାନଙ୍କ ଦାୟିତ୍ୱ ବଢିଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛୁ। ବିଗତ ଦିନରେ ବିଜେଡି ଦଳ ଓ ସେମାନଙ୍କ ଦଳର କର୍ମୀମାନେ ନିଜ ଇଚ୍ଛାନୁସାରେ କାମ କରୁଥିଲେୟ ଆମେ କିନ୍ତୁ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବୁ, ରାଜ୍ୟ ଦେଶର ତୃଣମୂଳ ସ୍ତରର ବିକାଶ ପାଇଁ ଆମେ କାମ କରୁଛୁ। ଆମର କାହା ସହିତ ବିରୋଧ ନାହିଁକି କି ଆମେ ରାଜନୀତି କରୁନୁ ୟ ଆମେ କାମ ବାଣ୍ଟୁନୁ କି କାହାକୁ ବିରୋଧ କରୁନୁ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ହେଉଛନ୍ତି ନିର୍ବାଚିତ ପ୍ରତିନିଧି, ସେମାନେ କୌଣସି ଦଳର ନୁହଁନ୍ତି, ସରକାରଙ୍କ ଯୋଜନାଗୁଡିକୁ ଲାଗୁ କରିବାକୁ ସେମାନେ ମଧ୍ୟ ଉ□ରଦାୟୀ। ଏଣୁ ସମସ୍ତେ ମିଳିମିଶି ସରକାରଙ୍କ ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ସହଯୋଗ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଶାସକ ବିଜେପି ଦଳର କର୍ମକର୍ତ୍ତା। କିଛିଦିନ ତଳେ ଶାସକ ବିଜେପି କର୍ମୀଙ୍କ ବିରୋଧରେ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ସଭ୍ୟାମାନେ ବିଷୋଦଗାର କରିବା ସହିତ ବିଡିଓ ଏବଂ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଜବାବ ଦେବାକୁ ଯାଇ ଚମ୍ପାଦେଇପୁର ପଞ୍ଚାୟତ ଗୋପୀନାଥପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି ଲାଞ୍ଜିଗଡ ବ୍ଲକ ବିଜେପି କର୍ମକର୍ତ୍ତା। ପୂର୍ବତନ ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ଲାଞ୍ଜିଗଡ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, କୃଷକ ମୋର୍ଚ୍ଚା ସଭାପତି କନ୍ଦର୍ପ ନାଏକ, ବିଜେପି ନେତା ଅନନ୍ତ ରାମପ୍ରଧାନୀ, ମିଳନ ମହାପାତ୍ର, ଦେବ ପଟେଲ, ଗୌତମ ନାଗ, ରାମଚନ୍ଦ୍ର ମୁଣ୍ଡଛିନା, ଅମରେଶ ବୁଦ୍ଧିଆ, ଭଗବାନ ରାଉତ, ପ୍ରମୋଦ ବିଭାର ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## ଅତିରିକ୍ତ ତହସିଲଦାରଙ୍କୁ ମାଫିଆଙ୍କ ଆକ୍ରମଣ ଘଟଣା

# ସାମ୍ନାକୁ ଆସିଲା ଆକ୍ରମଣର ସିସିଟିଭି ଫୁଟେଜ : ୩ ବାଲି ମାଫିଆ ଗିରଫ

କପ୍ତିପଦା-(ମହାଭାରତ)-:କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ ଙ୍କୁ ଆକ୍ରମଣ ଘଟଣାରେ ଦିନକୁ ଦିନ ଗୋଟିଏ ପରେ ଗୋଟିଏ ନୂଆ ଫର୍ଦ୍ଦ ସାମ୍ନାକୁ ଆସୁଛି। ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାର ସିସିଟିଭି ଫୁଟେଜ ଆସିଛି ସାମ୍ନାକୁ। ସିସିଟିଭି ବୟାନ କରୁଛି ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ କିଭଳି ଉଦେଶ୍ୟରେ ଆକ୍ରମଣ କରିଥିଲେ ମାଫିଆ। ଯେତେବେଳେ ଅତିରିକ୍ତ ତହସିଲଦାର ଥାନା ସମ୍ମୁଖରେ ପହଞ୍ଚିଛନ୍ତି ସେତେବେଳେ ୧୦ ରୁ ୨୦ ମାଫିଆ ବାଇକରେ ତାଙ୍କୁ ପିଛା କରି ଥାନା ପର୍ଯ୍ୟନ୍ତ ଆସିଛନ୍ତି। ଆଉ କାର ଅଟକିବା ମାତ୍ରେ ମାଫିଆମାନେ ଆସି ଆକ୍ରମଣ ଆରମ୍ଭ କରିଦେଇଛନ୍ତି, କିଏ ଦୌଡି ଆସି କାର କୁ ଗୋଇଠା ମାରୁଛି, ଆଉ କିଏ ଇଟା ଆଣି ଗାଡି କାଚ ଭାଙ୍ଗୁଛି। ଏକ ସଙ୍ଗେ ସବୁ ମାଫିଆ ମିଶି କରିଛନ୍ତି ଆକ୍ରମଣ।



**ଥାନା ଘେରିଲେ ଉତ୍ୟକ୍ତ ଗ୍ରାମବାସୀ ଓ ବିଜେପି**

ଏପରିକି ଆକ୍ରମଣ ହେବା ପରେ ଅତିରିକ୍ତ ତହସିଲଦାର ଗାଡ଼ିରୁ ବାହାରିବା ପରେ ଜଣେ ମାଫିଆ ତାଙ୍କ ହାତ ଧରି ଟାଣୁଥିବା ଦେଖାଯାଉଛି। ଯାହା ଦେଖିବା ପରେ ଅତିରିକ୍ତ ତହସିଲଦାରଙ୍କୁ ହୋଇଥିବା ଆକ୍ରମଣର ଭୟାବହତା ବୟାନ ହେଉଛି। ସେପଟେ ଏହି ଆକ୍ରମଣ ଘଟଣା ଦୁଇ ଦିନ ପରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ତିନି ଜଣ ହେଲେ କପ୍ତିପଦା ଅଞ୍ଚଳର ଆକାଶ ନାୟକ, ମାନସ କୁମାର ପୁହାଣ ଓ ରଜତ କୁମାର ମହାନ୍ତି। ଏହି ୩ ଜଣଙ୍କୁ ପୋଲିସ ଗିରଫ କରି ପଚରାଉଚରା କରିଛି। ଗିରଫ ୩ ଜଣ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ କରିଥିବା ମାଫିଆ। ୧୫ ରୁ ଅଧିକ ମାଫିଆ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ କରିଥିବା ବେଳେ ପୋଲିସ ଏବେ ସୁଦ୍ଧା ୩ ଜଣ ଆକ୍ରମଣକାରୀଙ୍କୁ ଧରିପାରିଛି। ତଦନ୍ତ ଜାରି ରହିଥିବା ବେଳେ ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାଏକ । ଅନ୍ୟ ଅଭିଯୁକ୍ତ ଗଲେ କୁଆଡେ, ପୋଲିସ କାହିଁକି ସେମାନଙ୍କ ପାଖରେ ପହଞ୍ଚି ପାରୁ ନାହିଁ ତାହାକୁ ନେଇ ଉଠିଛି ପ୍ରଶ୍ନ। ଏ ସବୁ ଭିତରେ ବୁଧବାର ସକାଳ ୧୦ ଟା ସମୟରେ ଆକ୍ରମଣ ଘଟଣାରେ ପୋଲିସ ତଦନ୍ତ ଶିଥିଳତାକୁ ବିରୋଧ କରି ଥାନା ଘେରାଉ କରିଥିଲେ ସ୍ଥାନୀୟ ବାସିନ୍ଦା ଓ ବିଜେପି। ଶତାଧିକ କର୍ମୀ ଏବଂ ସ୍ଥାନୀୟ ବାସିନ୍ଦା ଥାନାରେ ପହଞ୍ଚି ଆକ୍ରମଣକାରି ମାଫିଆଙ୍କୁ ଗିରଫ କରିବାରେ ପୋଲିସ ଅବହେଳା କରୁଥିବା ବେଳେ ସେ ଦିନ ଥାନା ଗେଟ ତାଲା କଣ ପାଇଁ ପଡିଥିଲା ତାହାକୁ ବିରୋଧ କରିଛନ୍ତି ସମସ୍ତେ। ଯାହାକୁ ନେଇ ଥାନା ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଏହା ସହିତ ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।। ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରହସନ ପାଲଟିଛି ଜଳଛତ୍ର, ବାଟୋଇଙ୍କୁ ସଜା ଘରୋଇଙ୍କୁ ମଜା



ହିନ୍ଦୋଳ(ମହାଭାରତ)ପ୍ରତିବର୍ଷ ଖରାଦିନ ଆସିଲେ ସରକାରଙ୍କ ତରଫରୁ ବାଟୋଇମାନଙ୍କ ଶୋଷ ମେଣ୍ଟାଇବା ପାଇଁ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲି ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ । ତେବେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକର ନୂଆବଗ ପଞ୍ଚାୟତରେ ଏହା ପାଲଟିଛି ପ୍ରହସନ।ନୂଆବଗ ପଞ୍ଚାୟତର ବାହାଲୁଣ୍ଡା ଛକଠାରେ ଖୋଲାଯାଇଥିବା ଜଳଛତ୍ର ପ୍ରହସନରେ ପରିଣତ ହୋଇଛି ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ବ୍ୟକ୍ତିଗତ ବ୍ୟବହାରରେ ଲାଗିଛି ଜଳଛତ୍ର । ଏଠାରେ ଖୋଲାଯାଇଥିବା ଜଳଛତ୍ର ପଞ୍ଚାୟତ ନିର୍ଦ୍ଦେଶରେ ବ୍ରାଇଟ ୱାଟର ସପ୍ଲାଇ ତରଫରୁ ଦୁଇଟି ଥଣ୍ଡା ପାଣି ଜାର୍ ଯୋଗାଇ ଦିଆଯାଉଛି ମାତ୍ର ବାଟୋଇମାନଙ୍କ ପାଇଁ ଦିଆଯାଉଥିବା ପାଣିକୁ କିଛି ରାଜନୈତିକ ଛତ୍ରଛାୟା ତଳେଥିବା ଅସାଧୁବ୍ୟକ୍ତି ବୋତଲରେ ନିଜ ଘରକୁ ଓ ଦୋକାନକୁ ନେଇ ଯାଉଥିବା ନିଜେ ପାଣି ଦେଉଥିବା ଏଜେନ୍ସି ପ୍ରକାଶ କରିଛନ୍ତି ଏବଂ ଆଉ କିଛିବ୍ୟକ୍ତି ଅନ୍ୟ ଜାର୍ର ପାଣିକୁ ବୋତଲରେ ବୋହି ନେଇଥାନ୍ତି । ଫଳରେ ଏହି ଛକ ଉପରେ ନିର୍ଭର କରୁଥିବା ତିନୋଟି ପଞ୍ଚାୟତର ବହୁ ଲୋକ ସାରା ଦିନ ଖରାରେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଛନ୍ତି । ସ୍ୱତଃ ମନରେ ପ୍ରଶ୍ନ ଉଠୁଛି ଏ ଜଳଛତ୍ର କାହା ପାଇଁ ? ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି ।

## ବଡ଼ଖୋଲିରେ ବଜ୍ରାଘାତ ଓ ଘଡ଼ଘଡ଼ି ରୁ ସୁରକ୍ଷିତ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ



ଆସିକା(ମହାଭାରତ)ଓଡିଶା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସିକା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବଡ଼ଖୋଲିରେ ବଜ୍ରାଘାତ ଓ ଘଡ଼ଘଡ଼ି ରୁ ସୁରକ୍ଷିତ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ସିଡିପିଓ ଇନ୍ଦିରା ମହାପାତ୍ର, ସୁପରଭାଇଜର କୁମୁଦିନୀ ପାତ୍ର, ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ରହି ବଜ୍ରାଘାତ ଓ ଘଡ଼ଘଡ଼ି ସମୟରେ ସୁରକ୍ଷିତ ସ୍ଥାନ ରେ କିଭଳି ରହିଲେ ନିଜ ର ମୂଲ୍ୟବାନ ଜୀବନକୁ ରକ୍ଷା କରିବା ଉପରେ ସଚେତନ କରାଇଥିଲେ । ଘଡ଼ଘଡ଼ି ଶବ୍ଦ ଶୁଣାଗଲେ ଖୋଲା ସ୍ଥାନରେ ନରହିବା, ଗଛ କିମ୍ବା ହୁଡ଼ା ତଳେ ନରହିବା, ଚାଷ କାର୍ଯ୍ୟ ନିମନ୍ତେ ବାହାରକୁ ନବାହାରିବା, ବିଜୁଳି ମାରୁଥିବା ସମୟରେ କାର, ବସ ଭିତରେ ଥିଲେ ବାହାରକୁ ନଆସିବା,ସାଇକେଲ ଓ ମୋଟର ସାଇକେଲ ରେ ଯାତାୟାତ ନକରିବା,ବିଦ୍ୟୁତ ତାର ଏବଂ ଲୁହା ଖୁଣ୍ଟ ଠାରୁ ଦୁରେଇ ରହିବା,ଘରେ ଭିତର କବାଟ, ଝରକା ବନ୍ଦ କରିବାକୁ ମହିଳା ମାନଙ୍କୁ ସତର୍କତା ରହିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଅଙ୍ଗନବାଡି କର୍ମୀ ଅନୁସୂୟା ରେଡି, ରଶ୍ମିତା କୁମାରୀ ପାଣିଗ୍ରାହୀ, ବିନି କୁମାର ଭୂୟାଁ, ସଂଯୁକ୍ତା ପଣ୍ଡା ବ୍ୟାଙ୍କ ମିତ୍ର ଆଜିନା ସ୍ୱାଇଁ ସମେତ ସିଆରପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ର ସଦସ୍ୟ, କିଶୋରୀ ବାଳିକା ଯୋଗ ଦେଇଥିଲେ ।

## ଧାନ ଗୋଦାମରୁ ଡୋର ଭାଙ୍ଗି ୨୦ହାଜର ଟଙ୍କା ଲୁଟ୍



ପାଟଣା-(ମହାଭାରତ) ଅଜବେଷ୍ଟ ଭାଙ୍ଗି ଧାନ ଗୋଦାମରୁ ଚୋରି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ନମ୍ବର ରାଜପଥ ସାଧୁପଡା ନିକଟ ରେ ଥିବା ଧାନ ଏକ ଗୋଦାମ ରୁ ଆଜବେଷ୍ଟ ଭାଙ୍ଗି ଡୋର ରୁ ୨୦ହଜାର ଟଙ୍କା ଦୃବୃତ୍ତମାନେ ନେଇ ଯାଇଛନ୍ତି । ଏନେଇ ଧାନ ଗୋଦାମ ମାଲିକ ଅରବିନ୍ଦ ଦାଶ ପାଟଣା ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତ୍ତି କରି ପାଟଣା ଥାନା ଅଧିକାରୀ ମାନସ ମହାକୁଲ, ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ରୁ ସ୍ୱତନ୍ତ୍ର ତଦନ୍ତ କାରି ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟ ରେ ଦୃବୃ□ ଡୋର ଭାଙ୍ଗି ଟଙ୍କା ଚୋରି କରିଥିବା ସ୍ଥାନ ରୁ ହାତ ଚିହ୍ନ ନେବା ସହିତ ସନ୍ଧନୀ କୁକୁର ର ତଦନ୍ତ ଜାରି ରହି ଥିଲା।ଏପରି ପୋଲିସ ଓ ସନ୍ଧାନୀ କୁକୁର ର ତଦନ୍ତ କୁ ନେଇ ଧାନ ଗୋଦାମ ମାଲିକ ଓ ଅଞ୍ଚଳ ବାସୀ ଖୁବଶିଘ୍ର ଅଭିଯୁକ୍ତ ଧରାପଡି ବୋଲି ଆଶା ପ୍ରକାଶ କରିଛନ୍ତି।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଚନ୍ଦବାଲି : ଚନ୍ଦବାଲି ବ୍ଲକ ଅନ୍ତର୍ଗତ ବିଜୁସ୍ମୃତି ଭବନ ପରିସରରେ ପୂର୍ବାହ୍ନ ୧୧ଟାରେ ସୁଭଦ୍ରା ଶକ୍ତି କାର୍ଯ୍ୟକ୍ରମରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦବାଲି ସିଡିପିଓ ୧ ରେ ୨୦ ଏସଏଚଜି ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ଏ,ଇଇ ସ୍ମୃତି ରଞ୍ଜନ ତରାଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସିଡିପିଓ ୧ ସବିତା ସେଠି, ଯନ୍ତ୍ରୀ ଅମୀୟ କୁମାର ପଲାଇ,ମିଶନ ଶକ୍ତି ବିପିଏମ ବୀଣାପାଣି ପଣ୍ଡା ଯୋଗ ଦେଇଥିଲେ ଏହି କାର୍ଯ୍ୟକ୍ରମ ପରିଚାଳନା ବିପିସି ବନୋଜ କୁମାର ବାରିକ କରିଥିଲେ । ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ୟାସ ଚୁଲି ଯୋଗେଇଦିଆଯାଇଥିଲା। ସେମାନେ ପ୍ରତିଯୋଗିତାରେ ବିଭିନ୍ନ ପାରମ୍ପରିକ ଦେଶୀ ଖାଦ୍ୟ ପ୍ରସ୍ତୁତ କରିଥିଲେ । ପରେ ବିଚାରପତି ମଣ୍ଡଳୀ ସେହି ସବୁ ଖାଦ୍ୟକୁ ଚାଖିବା ସହ ତାହାର ମାନ ନିର୍ଧାରଣ କରିଥିଲେ । ବିଭିନ୍ନ ପ୍ରକାର ମିଠା, ପିଠା, ଡାଲମା, ଦହିବରା ସହ ପ୍ରତି ଷ୍ଟଲରେ ପ୍ରାୟ ପାଞ୍ଚରୁ ସାତ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ସିଡିପିଓ ୧ ପ୍ରଥମ ସ୍ଥାନ ଚିନ୍ନୟାଶ୍ୱର ଏସ ଏଚ ଜି କୁଚୁଲିଆଦିଆ ଓ ଦ୍ୱିତୀୟ ସ୍ଥାନ ଓମ ଶାନ୍ତି ଏସ ଏଚ ଜି ଉତୁକୁଡା ଘୋଷଣା କରାଯାଇଥିଲା । ସେହିପରି ଗତ ମଙ୍ଗଳବାର ଦିନ ୧୧ ଟା ସିଡିପିଓ ୨ ଅଣ୍ଡରରେ ଥିବା ଏସଏଚଜି ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମତୋ କଲ୍ୟାଣମଣ୍ଡବ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋଜ କୁମାର ଖୁଣ୍ଟିଆ ବ୍ଲକ ଆକାଉଣ୍ଟ ଅଫିସର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏଥିରେ ଜୟ ଦୁର୍ଗା ଏସ, ଏଚ ଜି ମୌସୁଧା ପ୍ରଥମେ ଜୟ ହନୁମାନ ଏସ ଏଚ ଜି ଖେରଙ୍ଗ ଦ୍ୱିତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡ଼ିଓ ରାଜକିଶୋର ଦାସ, ସିଡିପିଓ ୨ ଅହଲ୍ୟା ରାଣୀ ବେଗ, ବିପିସି ବନୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବଗଡ଼ରେ ତାଣ୍ଡବ ରଚିଲା କାଳ ବୈଶାଖୀ: ଜଣେ ନାବାଳିକା ମୃତ



ଦେବଗଡ଼(ମହାଭାରତ) ବୁଧ ବାର ଦିନ ଅପରାହ୍ନ ପାଞ୍ଚଟା ସମୟରେ ,ପ୍ରବଳ ଘଡ ଘଡି ସହିତ ବର୍ଷା ହୋଇଛି।ଏହି କାଳ ବୈଶାଖୀ ର ପବନ ଏତେ ପ୍ରଖର ଥିଲାଯେ , ରାସ୍ତା ର ବିଭିନ୍ନ ୩୩କେଭି ଲୁହା ଏଲେକ୍ଟ୍ରି ପୋଲ ୧୦ରୁ ଅଧିକ ଭାଙ୍ଗି ଯାଇଛି।ଫଳରେ ଦେବଗଡ଼ ଜିଲ୍ଲା ସହିତ ଆଖ ପାଖ ଗାଁ ରେ ବନ୍ଦ ରହିଛି।ଏବଂ ରାସ୍ତା ରେ ଏକେକ୍ଟ୍ରି ପୋଲ ପଡ଼ିଥିବାରୁ ରାଞ୍ଚି ବିଜୟ ବାଡ଼ା ଦୀର୍ଘ ସମୟ ଧରି ରାସ୍ତା ରେ ଗାଡ଼ି ଚଳା ଚଳ ବନ୍ଦ ରହିଥିଲା ।ଏହି ବର୍ଷା ରେ ବହୁ ଗଛ ଭାଙ୍ଗି ଯିବା ସହିତ, ଘର ମଧ୍ୟ ଭାଙ୍ଗି ଯାଇଛି। ବିଜୁଳି ଘଡ୍ ଘଡି ଦ୍ୱାରା ସ୍ଥାନୀୟ ଅଞ୍ଚଳ ର ଜଣେ ୯ ବର୍ଷ ର ଝିଅ ମୃତୁ ଘଟିଥିବା ସୂଚନା ମିଳିଛି ତାଙ୍କୁ ଦେବଗଡ଼ ଜିଲ୍ଲା ମେଡିକାଲ ରେ ରଖାଯାଇଛି ବୋଲି ସୂଚନା ମିଳିଛି । ଖବର ଲେଖିବା ସୁଦ୍ଧା କେତେ କ୍ଷୟକ୍ଷତି ହୋଇଛି ତାର ସଠିକ୍ ଉତ୍ତର ମିଳି ପାରିନାହିଁ। ଆସନ୍ତା କାଲି କ୍ଷୟକ୍ଷତିର ଆକଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଚାଲାଣ ପାଇଁ ରଖାଯାଇଥିବା ୨୮୦ ବାଛୁରୀ ଉଦ୍ଧାର

ବେଶିଙ୍ଗା: ମୟୂରଭଞ୍ଜ ଜିଲ୍ଲା ପୁଲିସକୁ ବଡ଼ ସଫଳତା ମିଳିଛି। ଜିଲ୍ଲା ସୀମାର୍ତ୍ତୀ ଅଞ୍ଚଳରେ ଆତର୍କିତ ଚଢ଼ଉ କରି ପୁଲିସ ୨୮୦ରୁ ଉର୍ଦ୍ଧ୍ୱ ବାଛୁରୀ ଉଦ୍ଧାର କରିଛି। ପୁଲିସ ଟିମ୍ ବୁଧବାର ଭୋର ସକାଳୁ ଅତର୍କିତ ଚଢ଼ାଉ କରି ବାଲେଶ୍ୱର-ମୟୂରଭଞ୍ଜ ଜିଲ୍ଲା ସୀମାବର୍ତ୍ତୀ ଦାହିବାଡ଼ି ଓ ଗୋବିନ୍ଦରାୟପୁର ଗ୍ରାମରୁ ୨୮୦ରୁ ଉର୍ଦ୍ଧ୍ୱ ବାଛୁରୀ ଉଦ୍ଧାର କରିଛି।ସୂଚନା ଅନୁଯାଇ ମୟୂରଭଂଜ ଜିଲ୍ଲା ସୀମାବର୍ତ୍ତୀ ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଓ ଦାହିବାଡ଼ି ଗ୍ରାମରେ ଶତାଧିକ ବାଛୁରୀଙ୍କୁ ବେଆଇନ ଚାଲାଣ ପାଇଁ ରଖାଯାଇଥିବା ନେଇ ଏସ୍କିଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ବଡ଼ସାହି ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଓ ମୁରୁଡ଼ା ଥାନା ଅଧିକାରୀ ସୁମିତ ସୋରେନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ପ୍ରସ୍ତୁତ କରାଯାଇଥିଲା। ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଓ ଦାହିବାଡ଼ି ଗ୍ରାମରେ ଶତାଧିକ ବାଛୁରୀଙ୍କୁ ବେଆଇନ ଚାଲାଣ ପାଇଁ ରଖାଯାଇଥିବା ନେଇ ଏସ୍କିଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ଟିମ୍ ବୁଧବାର ଭୋର ୪ଟା ସମୟରେ ୨ପ୍ଲାଟୁନ ପୁଲିସ ଫୋର୍ସ ସହିତ ଉକ୍ତ ଗ୍ରାମ ଗୁଡ଼ିକରେ ଅତର୍କିତ ଚଢ଼ାଉ କରି ପ୍ରାୟ ୨୮୦ରୁ ଅଧିକ ବାଛୁରୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କରାଯାଇଥିବା ବାଛୁରୀମାନଙ୍କୁ ସ୍ଥାନୀୟ ମହେଶପୁର ଗ୍ରାମରେ ସୁରକ୍ଷିତ ରଖାଯାଇଥିଲା।ଏହି ଟିମ୍ ବୁଧବାର ଭୋର ୪ଟା ସମୟରେ ୨ପ୍ଲାଟୁନ ପୁଲିସ ଫୋର୍ସ ସହିତ ଉକ୍ତ ଗ୍ରାମ ଗୁଡ଼ିକରେ ଅତର୍କିତ ଚଢ଼ାଉ କରି ପ୍ରାୟ ୨୮୦ରୁ ଅଧିକ ବାଛୁରୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କରାଯାଇଥିବା ବାଛୁରୀମାନଙ୍କୁ ସ୍ଥାନୀୟ ମହେଶପୁର ଗ୍ରାମରେ ସୁରକ୍ଷିତ ରଖାଯାଇଥିଲା। ସେଠାରେ ଖିଆପିଆ ନକରି ବାଛୁରୀ ଛୁଆଙ୍କର ଅବସ୍ଥା ଖରାପ ଥିବାବେଳେ ପଶୁଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ସେମାନଙ୍କୁ ଚରା ଓ ପିଇବାକୁ ପାଣି ଦିଆଯାଇଥିଲା। ପରେ ଟ୍ରକ ଦ୍ୱାରା ସେମାନଙ୍କୁ ପଡୋଶୀ ବାଲେଶ୍ୱର ଜିଲ୍ଲା ଏକ ଗୋଶାଳାକୁ ସୁରକ୍ଷିତ ଭାବେ ପଠାଯାଇଥିଲା।

## ବିକଶିତ ଗାଁ, ବିକଶିତ ଓଡ଼ିଶାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରେଙ୍ଗାଲିକ୍ୟାମ୍ପ: ଅତାବିରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍ ଅଧକ୍ଷା ଗୀତାଞ୍ଜଳି ନାଏକଙ୍କ ସଭାପତିତ୍ୱରେ ବିକଶିତ ଗାଁ, ବିକଶିତ ଓଡ଼ିଶାର ବାର୍ଷିକ କାର୍ଯ୍ୟ ଖସଡ଼ା ୨୦୨୫/୨୬ ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ନିହାର ମହାନନ୍ଦ, ସାଂସଦ ପ୍ରତିନିଧି କୁଶ କୁମ୍ଭାର, ଉପାଧକ୍ଷ ଅନନ୍ତ ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ପଞ୍ଚାୟତ ଅଧିକାରୀ ମହମ୍ମଦ ଆକବର,ଅତିରିକ୍ତ ସହକାରୀ ଯନ୍ତ୍ରୀ ମନିଶିବା ମହାପାତ୍ର ମଞ୍ଚାସୀନ ଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉଉୟନ ଅଧିକାରୀ ଗୀରିନ୍ଦ୍ର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଗୁଡିକରେ ଥିବା ସମସ୍ୟା ଗୁଡ଼ିକ ଉପରେ ଆଲୋଚନା, ସେଗୁଡ଼ିକର ସମାଧାନ ଦିଗରେ ରହିଥିବା ସରକାରୀ ଯୋଜନା, କାର୍ଯ୍ୟପ୍ୟା ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଗ୍ରାମ ଗୁଡ଼ିକର ବିକାଶ କରି ବିକଶିତ ଓଡ଼ିଶା ଗଠନ କରିବା ଲକ୍ଷ୍ୟକୁ ସାକାର କରିବା ପାଇଁ ଆଲୋଚନା ହୋଇଥିଲା। ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପ ଚୟନ କରାଯାଇ କାର୍ଯ୍ୟ ଖସଡ଼ା ପାରିତ ହୋଇଥିଲା।

## ଦାର୍ଜିଲିଂରେ ଚମକିଲେ କେନ୍ଦୁଝରର ଝିଅ



ପାଟଣା : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅଞ୍ଚଳ ପିପିଳିଆ ଗ୍ରାମର ଆଖଣ୍ଡଳମଣି ମହାପାତ୍ର ଓ ମୌସୁମୀ ମହାପାତ୍ରଙ୍କ ଝିଅ ନୃତ୍ୟ ଶିଳ୍ପୀ ଋଷିକା ମହାପାତ୍ର ଦାର୍ଜିଲିଂର ଗୋର୍ଖା ରଙ୍ଗମଞ୍ଚ ଭବନଠାରେ ଅନୁଷ୍ଠିତ ନୃତ୍ୟ ରତ୍ନାକର ଫେଷ୍ଟିଭାଲ ଆୱାର୍ଡ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ପରିବେଷଣ କରି ଦେଖଣାହାରୀଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି । ଆୟୋଜକ ମାନଙ୍କ ପକ୍ଷରୁ ଋଷିକାଙ୍କୁ ଅଙ୍ଗ ବସ୍ତ୍ର, ମାନପତ୍ର, ପୁଷ୍ପଗୁଚ୍ଛ ଓ ପ୍ରଶଂସା ଫଳକ ପ୍ରଦାନ କରାଯାଇଛି । ନିଜ ମାଆ ମୌସୁମୀଙ୍କ ସହ ଦାର୍ଜିଲିଂ ଯାତ୍ରା ଶେଷ କରି ଆଜି ସନ୍ଧ୍ୟାରେ ସେ ଦାର୍ଜିଲିଂ ଛାଡୁଥିବା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ନୃତ୍ୟରେ ରୁଚି ରଖୁଥିବା ଋଷିକା କେନ୍ଦୁଝରର ଓମ ସାଇ ଡ୍ୟାନ୍ସ ଏକାଡେମୀରୁ ନୃତ୍ୟ ଶିକ୍ଷା ଲାଭ କରିଛନ୍ତି।

## ନିଶାଦ୍ରବ୍ୟ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥର ଶୁଭାରମ୍ଭ

ମାଲକାନଗିରି: ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ ଜାରି ରହିଛି।ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି।

# ବର୍ଷାରେ ବେହାଲ ପୂର୍ବୋତ୍ତର ରାଜ୍ୟ, ୪୮ ମୃତ



ନୂଆଦିଲ୍ଲୀ : ପ୍ରବଳ ବର୍ଷାରେ ବେହାଲ୍ ଆସାମ ଏବଂ ପୂର୍ବୋତ୍ତର ରାଜ୍ୟ । ପ୍ରବଳ ବର୍ଷା ଯୋଗୁଁ ଏଠାରେ ବନ୍ୟା ସ୍ଥିତି ଉପୁଜିଛି । ବନ୍ୟା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଆସାମରେ ବନ୍ୟା ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି । ଆସାମରେ ବନ୍ୟା ଯୋଗୁଁ ୬, ବନ୍ୟା ଓ ଭୂସ୍ଖଳନ ଜନିତ ମୃତ୍ୟୁ ୧୭ରେ ପହଞ୍ଚିଛି । ଉତ୍ତର-ପୂର୍ବ ରାଜ୍ୟରେ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁ ସଂଖ୍ୟା ୪୮ରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ମୋଦି ପୂର୍ବୋତ୍ତର ରାଜ୍ୟରେ ବନ୍ୟା ସ୍ଥିତିର ସମୀକ୍ଷା କରିବା ପାଇଁ ଆସାମ ଏବଂ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି । କେନ୍ଦ୍ର ସରକାର ସମସ୍ତ ପ୍ରକାରର ସହାୟତା ଦେବାକୁ ଆଶ୍ୱାସନା ଦେଇଛନ୍ତି । ବନ୍ୟା ଯୋଗୁଁ ଆସାମରେ ୧୭ ଜଣ, ଅରୁଣାଚଳ ପ୍ରଦେଶରେ ୧୨, ମେଘାଳୟରେ ୬, ମିଜୋରାମରେ ୫, ସିକ୍କିମରେ ୪, ତ୍ରିପୁରାରେ ୨ ଏବଂ ନାଗାଲାଣ୍ଡ ଏବଂ ମଣିପୁରରେ ୧-୧ ଜଣଙ୍କର ଜୀବନ ଚାଲିଯାଇଛି । ଆସାମ ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ ରିପୋର୍ଟ ଅନୁସାରେ, ୨୧ ଜିଲ୍ଲାରେ ହୋଇଥିବା ବନ୍ୟା ଯୋଗୁଁ ୬.୩୩ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ୧୫୦୬ ଗାଁର ୧୪,୭୩୯ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ଆସାମର ବହୁତ ସ୍ଥାନରେ ବ୍ରହ୍ମପୁତ୍ର ଏବଂ ୬ ଅନ୍ୟ ନଦୀର ଜଳସ୍ତର ବୃଦ୍ଧିପାଇଛି । ମିଜୋରାମରେ ୬୦୦ରୁ ଅଧିକ ଭୂସ୍ଖଳନ ହୋଇଥିବା ବେଳେ ନାଗାଲାଣ୍ଡରେ ଜାତୀୟ ରାଜପଥ ଧୋଇ ଯାଇଛି । ମଣିପୁରରେ ପ୍ରାୟ ୧୧ ହଜାର ଘର କ୍ଷତିଗ୍ରସ୍ତ ହୋଇଛି ।

# କାର୍ ଉପରେ ଓଲଟିପଡିଲା ସିମେଣ୍ଟ ବୋଝେଇ ଟ୍ରକ୍, ୯ ମୃତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ଝାବୁଆ ମେଘନଗର ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ସିମେଣ୍ଟ ବୋଝେଇ ଟ୍ରକ ଏକ କାର ଉପରେ ଓଲଟି ପଡିବାରୁ ୯ ଜଣଙ୍କ ଜୀବନ ଚାଲିଯାଇଛି । ମୃତକ ଗୋଟିଏ ପରିବାର ବୋଲି ଜଣାପଡିଛି । ଖବର ମୁତାବକ, ରାଜସ୍ଥାନରୁ ସିମେଣ୍ଟ ନେଇ ଆସୁଥିଲା ଟ୍ରକ୍ । ଝାବୁଆ ମେଘନଗରଠାରେ ଟ୍ରକଟି ଏକ ମାରୁତି ଇକୋ ଉପରେ ଓଲଟି ପଡ଼ିବାରୁ ସେଥିରେ ଥିବା ୧୧ ଜଣଙ୍କ ମଧ୍ୟରୁ ୯ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଏହାସହ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ଆହତଙ୍କୁ ସ୍ଥାନୀୟ ଲୋକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ରାତି ୩ଟାରୁ ୪ଟା ମଧ୍ୟରେ ଘଟିଲା ଭୟଙ୍କର ଦୁର୍ଘଟଣା । କାରରେ ଥିବା ଲୋକ ମାନପୁରର ଏକ ବିବାହ ଉତ୍ସବରୁ ଫେରୁଥିଲେ । ତେବେ ମୃତକଙ୍କ ମଧ୍ୟରେ ୨ ଜଣ ପୁରୁଷ, ୩ ମହିଳା ଏବଂ ୪ ପିଲା ରହିଛନ୍ତି । ସମସ୍ତ ଗୋଟିଏ ପରିବାର ବୋଲି ଜଣାପଡିଛି । ଦୁର୍ଘଟଣା କେତେ ଭୟାବହ ହୋଇଥିବା ତାହା ସ୍ପଷ୍ଟ ଜଣାପଡୁଛି । ଏ ନେଇ ଅଧିକ ସୂଚନା ମିଳିନାହିଁ ।

# ଅଯୋଧାରେ ୨୨ବର୍ଷୀୟ ଯୁବକଙ୍କୁ ନିର୍ମମ ହତ୍ୟା

ଉତ୍ତର ପ୍ରଦେଶ : ଉତ୍ତର ପ୍ରଦେଶ ଅଯୋଧା ଜିଲ୍ଲାରୁ ଆସିଲା ବଡ ଦୁଃଖଦ ଖବର । ଧାରୁଆ ଅସ୍ତ୍ରରେ ୨୨ବର୍ଷୀୟ ଯୁବକଙ୍କୁ ହତ୍ୟା କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ମୃତକ ହେଲେ ଦୀନେଶ ବର୍ମା । ମୃତକଙ୍କ ଭାଇ, କାକା ସମେତ ୪ଜଣ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ସୂଚନାନୁଯାୟୀ, ଏପରି ଛାତିଥରା ଦୃଶ୍ୟ କୋତଓ୍ୱାଲି ଅଞ୍ଚଳର ପଟେଲ ନଗରରୁ ଦେଖିବାକୁ ମିଳିଥିଲା । ମଙ୍ଗଳବାର ଅର୍ଥାତ୍ ଆଜି ଏହି ଅଘଟଣ ଘଟିଥିବା ସୂଚନା ମିଳିଥିଲା । ଯୁବକ ଜଣକ ରାତିରେ ଘର ବାହାର ଚାଳ ତଳେ ଶୋଇଥିଲେ । ସେତେବେଳେ ହିଁ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣକାରୀ ତାଙ୍କ ଶରୀରକୁ ଛଅ ଖଣ୍ଡ କରି କାଟି ନିର୍ମମ ଭାବେ ହତ୍ୟା କରିଥିଲେ । ସକାଳେ ଘର ଲୋକ ତାଙ୍କୁ ରକ୍ତ ଜୁଡୁବୁଡୁ ହୋଇଥିବାର ଦେଖି ଚିତ୍କାର କରିବା ଆରମ୍ଭ କରିଥିଲେ । ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ହତ୍ୟାକାଣ୍ଡ ମୃତକଙ୍କ ଭାଇ, କାକାଙ୍କ ସହ ଅନ୍ୟ ୪ଜଣ ମିଶି ହତ୍ୟା କରିଥିବାର ଅଭିଯୋଗ ହୋଇଛି । ଏପଟେ ପୋଲିସ ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା । ଏହା ସହିତ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ହେଲେ ସେମାନଙ୍କ ମଧ୍ୟରୁ ୨ଜଣ ଫେରାର୍ ହୋଇଛନ୍ତି । ସେମାନଙ୍କୁ ଖୋଜିବା ପାଇଁ ଫରେନସିକ୍ ଦଳ ଗଠନ କରି ସେହି ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିଛି । ଜମି ବିବାଦକୁ ନେଇ ଏପରି [illegible]

# ଭିଏତନାମରୁ ଭାରତକୁ ଫେରିଲା ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି



ନୂଆଦିଲ୍ଲୀ : ଭିଏତନାମର ବିଭିନ୍ନ ସହରରେ ଏକ ମାସ ଧରି ପ୍ରଦର୍ଶନୀରେ ଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଆଜି ଭାରତରେ ପହଞ୍ଚିଛି । ଉତ୍ତର ପ୍ରଦେଶର ସାରନାଥର ଏକ ବିହାରରେ ସ୍ଥାପିତ ପବିତ୍ର ଅସ୍ଥିଗୁଡ଼ିକ ମେ ୨ ତାରିଖରେ ଭିଏତନାମର ହୋ ଚି ମିନ୍ ସହରରେ ପହଞ୍ଚିଥିଲା । ଭିଏତନାମରେ ପ୍ରଦର୍ଶନୀ ସମୟରେ ଏକ ଆଧାତ୍ମିକ ଅଭିଜ୍ଞତା ପରେ, ଅସ୍ଥିଗୁଡ଼ିକ ୨ ଜୁନ୍ ରାତିରେ ଭାରତୀୟ ବାୟୁସେନାର ଏକ ବିମାନରେ ଭାରତକୁ ଫେରି ଆସିଥିଲା । ମିଳିତ ଜାତିସଂଘ ବୈଶାଖ ଦିବସ ଅବସରରେ ଭିଏତନାମ ଏକ ମହାନ ଉତ୍ସବ ଆୟୋଜନ କରିଥିଲା ଯେଉଁଥିରେ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥିଗୁଡ଼ିକୁ ପ୍ରଦର୍ଶନୀ ପାଇଁ ଭିଏତନାମକୁ ନିଆଯାଇଥିଲା ।

ଭିଏତନାମରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ୧.୭ କୋଟିରୁ ଅଧିକ ଭକ୍ତ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଦର୍ଶନ କରିଥିଲେ । ଭାରତରୁ ଆସିଥିବା ବୁଦ୍ଧଙ୍କ ପବିତ୍ର ଅସ୍ଥିର ଐତିହାସିକ ପୂଜା ତୀର୍ଥଯାତ୍ରାରେ ଅଂଶଗ୍ରହଣ କରିଥିବା ଭକ୍ତମାନଙ୍କ ପାଇଁ ଏହା ଏକ ଆଧାତ୍ମିକ ଅଭିଜ୍ଞତା ଥିଲା । ମନ୍ତ୍ରଣାଳୟ କହିଛି ଯେ, ''ଭିଏତନାମର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଅନେକ ପ୍ରତୀକାତ୍ମକ ସ୍ଥାନ ଦେଇ ଯାଇଥିବା ଏହି ଯାତ୍ରା ମୋଟ ୧.୭୮ କୋଟିରୁ ଅଧିକ ଭକ୍ତଙ୍କୁ ଆକର୍ଷିତ କରିଥିଲା । ଭକ୍ତି ଏବଂ ସାଂସ୍କୃତିକ ସଂହତିର ଏହି ଗଭୀର ପ୍ରଦର୍ଶନ ବୌଦ୍ଧ ଏବଂ ଆଧାତ୍ମିକ ସାଧକମାନଙ୍କୁ ଏକତ୍ରିତ କରିବାରେ ସାହାଯ୍ୟ କରିଥିଲା ।''

ଓଡ଼ିଶା ରାଜ୍ୟପାଳ ହରି ବାବୁ କାମଭାମପତିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ପ୍ରତିନିଧି ଦଳ ପାଲମ ବାୟୁସେନା ଷ୍ଟେସନରେ ବରିଷ୍ଠ ଭାରତୀୟ ଭିକ୍ଷୁଙ୍କ ସହିତ ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ (ଓଇଉ)ର ଅଧିକାରୀମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଏହି କୀର୍ତ୍ତିଗୁଡ଼ିକୁ ଗ୍ରହଣ କରିଥିଲେ ।

ଗାଜିଆବାଦର ହିଣ୍ଡନ୍ ବାୟୁସେନା ଘାଟିରୁ ଏକ ସ୍ୱତନ୍ତ୍ର ଭାରତୀୟ ବାୟୁସେନା ବିମାନ ଯୋଗେ ଭଗବାନ ବୁଦ୍ଧଙ୍କ ପବିତ୍ର ମୂର୍ତ୍ତିଗୁଡ଼ିକୁ ଭିଏତନାମକୁ ଉଡ଼ାଣ କରାଯାଇଥିଲା । ଏହି ପବିତ୍ର ମୂର୍ତ୍ତିଗୁଡ଼ିକର ବିଶ୍ୱବ୍ୟାପୀ ବୌଦ୍ଧ ସମ୍ପ୍ରଦାୟ ପାଇଁ ବିଶେଷ ଗୁରୁତ୍ୱ ରହିଛି ଏବଂ ଏହା ପ୍ରଥମ ଥର ପାଇଁ ଭିଏତନାମରେ ପ୍ରଦର୍ଶିତ ହୋଇଛି । ଦିଲ୍ଲୀରେ ପହଞ୍ଚିବା ପରେ, ପବିତ୍ର ମୂର୍ତ୍ତିଗୁଡ଼ିକୁ ମଙ୍ଗଳବାର ଅର୍ଥାତ୍ ଜୁନ୍ ୩ ସକାଳରୁ ଆରମ୍ଭ ହୋଇ ଏକ ଦିନ ପାଇଁ ଜାତୀୟ ସଂଗ୍ରହାଳୟରେ ସାଧାରଣ ପ୍ରଦର୍ଶନ ପାଇଁ ରଖାଯାଇଛି । ଅପରାହ୍ନରେ ବରିଷ୍ଠ ଭିକ୍ଷୁ, ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘର ସାଧାରଣ ସମ୍ପାଦକ ଏବଂ କୂଟନୈତିକ ବାହିନୀର ପ୍ରତିନିଧିମାନଙ୍କ ଦ୍ୱାରା ଏକ ଆନୁଷ୍ଠାନିକ ପ୍ରାର୍ଥନା ସେବା ଅନୁଷ୍ଠିତ ହେବ । ଅପରାହ୍ନରେ, ବରିଷ୍ଠ ଭିକ୍ଷୁ, ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘର ସାଧାରଣ ସମ୍ପାଦକ ଏବଂ କୂଟନୈତିକ ବାହିନୀର ପ୍ରତିନିଧିମାନଙ୍କ ଦ୍ୱାରା ଏକ ଆନୁଷ୍ଠାନିକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ । ବୁଧବାର ଅର୍ଥାତ୍ ଆଜି ଏହି ମୂର୍ତ୍ତିଗୁଡ଼ିକ ଦିଲ୍ଲୀରୁ ବାହାରିବ । ଏଥି ସହ ପବିତ୍ର ମୂର୍ତ୍ତିଗୁଡ଼ିକୁ ବାରାଣସୀ ଦେଇ ସାରନାଥକୁ ନିଆଯିବ । ଯେଉଁଠାରେ ସେଗୁଡ଼ିକୁ ମୂଳଗନ୍ଧା କୁଟି ବିହାରରେ ଆନୁଷ୍ଠାନିକ ଭାବରେ ସ୍ଥାପନ କରାଯିବ । ଏହା ଏହି ଐତିହାସିକ ଆନ୍ତର୍ଜାତୀୟ ତୀର୍ଥଯାତ୍ରାର ଶେଷ ହେବ ।

# ୧ ମାର୍ଚ୍ଚ ୨୦୨୭ ରୁ ଆରମ୍ଭ ହୋଇପାରେ ଜନଗଣନା



ନୂଆଦିଲ୍ଲୀ : ଭାରତରେ ଆଗାମୀ ଜନଗଣନା ୨୦୨୭ ମାର୍ଚ୍ଚ ୧ ତାରିଖରୁ ଆରମ୍ଭ ହୋଇପାରେ ବୋଲି ସୂଚନା ମିଳିଛି । ସୂତ୍ରରୁ ପ୍ରକାଶ ଯେ, ଏହି ଜନଗଣନା ୨୦୨୭ ମସିହାରୁ ଆରମ୍ଭ ହୋଇ ୨୦୨୮ ପର୍ଯ୍ୟନ୍ତ ଚାଲିପାରେ । ଏହା ପୂର୍ବରୁ ୨୦୨୧ରେ ଜନଗଣନା ହେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁଁ ଏହା ସ୍ଥଗିତ ରହିଥିଲା । ଏହି ଜନଗଣନାରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବା ନେଇ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ୧୯୪୧ ପରେ ଏହା ହେଉଛି ପ୍ରଥମ ଜାତିଗତ ଜନଗଣନା, ଯାହାର ତଥ୍ୟ ୨୦୨୮ ଶେଷ ସୁଦ୍ଧା ପ୍ରକାଶ ପାଇପାରେ । ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ ତାଲିମ ଦିଆଯିବାର ଆବଶ୍ୟକତା ରହିଛି । ଓଡ଼ିଶାରେ ଏହି ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ନିଖିଲ ପବନ କଲ୍ୟାଣଙ୍କୁ ସେନସସ୍ ଅପରେସନର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଏନେଇ ଡିଓପିଟି ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛି ।

ଜନଗଣନା ପରେ ଲୋକସଭା ଓ ବିଧାନସଭା ଆସନଗୁଡ଼ିକର ପରିସୀମନ ମଧ୍ୟ କରାଯାଇପାରେ, ଯାହା ୨୦୨୮ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଏହା ପରେ ୨୦୨୯ରୁ ନୂଆ ଆସନ ବିଭାଜନ ଅନୁସାରେ ନିର୍ବାଚନ ହେବାର ସମ୍ଭାବନା ରହିଛି । ଏହି ଜନଗଣନା ଦେଶର ସାମାଜିକ, ଆର୍ଥିକ ଓ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ସରକାରୀ ଯୋଜନା ଏବଂ ନୀତି ନିର୍ମାଣରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି ।

# ରୁଷ ଉପରେ ୟୁକ୍ରେନର ଆକ୍ରମଣ, କ୍ଷତିଗ୍ରସ୍ତ ହେଲା କ୍ରିମିଆ ସେତୁ

ନୂଆଦିଲ୍ଲୀ : ୟୁକ୍ରେନ ୭୨ ଘଣ୍ଟା ମଧ୍ୟରେ ରୁଷ ଉପରେ ଆଉ ଏକ ବଡ଼ ଆକ୍ରମଣ କରିଛି । ଏଥର ୟୁକ୍ରେନୀୟ ସେନା କ୍ରିମିଆ ସେତୁ ଉପରେ ୧୧୦୦ କିଲୋଗ୍ରାମ ପାଣି ତଳେ ବିସ୍ଫୋରକ ରଖି ଉଡ଼ାଇ ଦେଇଛି । ପୂର୍ବରୁ ଜୁନ୍ ୧ ତାରିଖରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣରେ ୫ଟି ରୁଷୀୟ ସେନା ଘାଟି ଉଡ଼ାଇ ଦେଇଥିଲା । ଏଥିରେ ୟୁକ୍ରେନ ୪୧ଟି ରୁଷୀୟ ଯୁଦ୍ଧ ବିମାନ ନଷ୍ଟ କରିଥିବା ଦାବି କରିଥିଲା । ୟୁକ୍ରେନର ସୁରକ୍ଷା ସେବା (ଝଇଟ) ଅନୁଯାୟୀ, ଏହି ଆକ୍ରମଣରେ ଜ୍ଞଘଞ୍ଚ ବିସ୍ଫୋରକ ବ୍ୟବହାର କରାଯାଇଥିଲା । ଏହି ଆକ୍ରମଣରେ କ୍ରିମିଆ ସେତୁ କ୍ଷତିଗ୍ରସ୍ତ ହୋଇଥିବା ଦାବି କରାଯାଇଛି । ଏହା ରୁଷକୁ କ୍ରିମିଆ ସହିତ ସଂଯୋଗ କରୁଥିବା ଏକ ରଣନୈତିକ ଏବଂ ବାଣିଜ୍ୟିକ ଭାବରେ ଗୁରୁତ୍ୱପୂର୍ଣ୍ଣ ସେତୁ । ଏହା ପୂର୍ବରୁ ୟୁକ୍ରେନ ଅନେକ ଥର ଏହି ସେତୁକୁ ଉଡ଼ାଇ ଦେବାକୁ ଚେଷ୍ଟା କରିଛି । କ୍ରିମିଆ ସେତୁ ରଷ ଏବଂ ୟୁକ୍ରେନ ଉଭୟ ପାଇଁ ବହୁତ ରଣନୈତିକ ଗୁରୁତ୍ୱ ବହନ କରେ । ଏହା ଏକ ରଣନୈତିକ ଏବଂ ପ୍ରତୀକାତ୍ମକ ଭାବରେ ଗୁରୁତ୍ୱପୂର୍ଣ୍ଣ ସେତୁ ଯାହା ରୁଷକୁ ଅଧିକୃତ କ୍ରିମିଆ ସହିତ ସଂଯୋଗ କରେ । ଏହି କାରଣରୁ ଏହା ୟୁକ୍ରେନର ଟାର୍ଗେଟରେ ରହିଛି । ଏହାକୁ କେର୍ଚ ଷ୍ଟ୍ରେଟ୍ ସେତୁ ମଧ୍ୟ କୁହାଯାଏ । ଏହି ସେତୁ ରୁଷର ମୁଖ୍ୟଭୂମି ଅଞ୍ଚଳକୁ କ୍ରିମିଆ ସହିତ ସଂଯୋଗ କରୁଛି । ଏହା ରୁଷ ସେନା ପାଇଁ କ୍ରିମିଆ ଏବଂ ଦକ୍ଷିଣ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର, ସୈନିକ ଏବଂ ଲଜିଷ୍ଟିକ୍ସ ପଠାଇବାର ମୁଖ୍ୟ ମାର୍ଗ । ଏପରି ପରିସ୍ଥିତିରେ, ୟୁକ୍ରେନ ଦ୍ୱାରା ଏହି ସେତୁକୁ କ୍ଷତି ପହଞ୍ଚାଇବା କିମ୍ବା ନଷ୍ଟ କରିବା ରୁଷ ସାମରିକ ଯୋଗାଣର ମେରୁଦଣ୍ଡ ଭାଙ୍ଗି ଦେବା ଭଳି । ଏହି ସେତୁ ୨୦୧୮ ମସିହାରେ ନିର୍ମିତ ହୋଇଥିଲା । ଏହାକୁ ୨୦୧୪ ମସିହାରେ କ୍ରିମିଆ ଉପରେ ରୁଷର ଦଖଲକୁ ସ୍ଥାୟୀ କରିବାର ପ୍ରତୀକ ଭାବରେ ନିର୍ମାଣ କରାଯାଇଥିଲା । ୟୁକ୍ରେନ ଏବଂ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ, ଏହି ସେତୁ ଅବୈଧ ଦଖଲର ପ୍ରତୀକ । ଏହାକୁ ଟାର୍ଗେଟ କରିବା ରୁଷର ମନୋବଳକୁ ଦୁର୍ବଳ କରିବା ଏବଂ ବିଶ୍ୱକୁ ଏକ ବାର୍ତ୍ତା ପଠାଇବାର ଏକ ମାଧ୍ୟମ । ଏହି ସେତୁ ମାଧ୍ୟମରେ ବାଣିଜ୍ୟ ଏବଂ ପର୍ଯ୍ୟଟନ ମାଧ୍ୟମରେ କ୍ରିମିଆ ଅର୍ଥନୀତି ରୁଷ ସହିତ ଯୋଡ଼ି ହୋଇଛି । ଏହାକୁ ନଷ୍ଟ କରିବା ଦ୍ୱାରା ରୁଷର ଅର୍ଥନୈତିକ ଏବଂ ନାଗରିକ ଜୀବନ ମଧ୍ୟ ପ୍ରଭାବିତ ହୁଏ ।

# ଡାକ୍ତରଙ୍କୁ ଭେଟି ପାରିବେ ନାହିଁ ମେଡିସିନ ରିପ୍ରେଜେଣ୍ଟଟେଟିଭ

ନୂଆଦିଲ୍ଲୀ : ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ (ଡିଜିଏଚଏସ୍)ରୁ ଆସିଲା ବଡ ନିଷ୍ପତ୍ତି । ସମସ୍ତ କେନ୍ଦ୍ର ସରକାରୀ ଡାକ୍ତରଖାନାରେ ଏମଆରମାନେ ଡାକ୍ତରମାନଙ୍କୁ ଭେଟିବା ପାଇଁ ଭିଡ ଜମାଇ ପାରିବେ ନାହିଁ । ତେଣୁ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟିରେ ରଖି ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି ଉଏଐଝ । ଏହି ମାମଲା ସମ୍ପର୍କରେ ମେ ୨୮ ରୁ ନିର୍ଦ୍ଦେଶାବଳୀ ଜାରି କରି କହିଛି ଡିଜିଏଚଏସ । ସୂଚନାନୁଯାୟୀ, ଏମଆରମାନେ ଡାକ୍ତରଙ୍କୁ ଭେଟିବାକୁ ନିଷେଧ କରାଯାଇଛି । କାହିଁକି ନା ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଥିବାବେଳେ ଅନେକ ସମୟରେ ଏମଆରମାନେ ହସ୍ପିଟାଲ ସାମ୍ନାରେ ଭିଡ ଜମାଇଥାନ୍ତି । ଯାହାଦ୍ୱାରା ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜିଥାଏ । ତେଣୁ ରୋଗୀମାନଙ୍କ ସ୍ୱାର୍ଥ ରକ୍ଷା ଏବଂ ନୈତିକ ମାନଦଣ୍ଡ ବଜାୟ ରଖିବା ପାଇଁ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଏହି ନିଷ୍ପତ୍ତି ନେଇଛନ୍ତି । ଏମଆରମାନଙ୍କୁ ଇମେଲ୍ କିମ୍ବା ଡିଜିଟାଲ ମିଡିଆ ଜରିଆରେ ଚିକିତ୍ସା ସମ୍ବନ୍ଧୀୟ ଅପଡେଟ୍ ସେୟାର କରିବାକୁ ପରାମର୍ଶ ଦିଆଯାଇଛି । ଏହି ନିର୍ଦ୍ଦେଶନାମା ମେ ୨୮ ତାରିଖରେ ଜାରି କରାଯାଇଥିଲା । ଏହାକୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲ, ଡକ୍ଟର ରାମ ମନୋହର ଲୋହିଆ ହସ୍ପିଟାଲ, ଲେଡି ହାର୍ଡିଂ ମେଡିକାଲ କଲେଜ ଏବଂ ଏହାର ସମ୍ପୃକ୍ତ ହସ୍ପିଟାଲଗୁଡ଼ିକୁ ପଠାଯାଇଛି । ଏହି ମାମଲାରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଡାକ୍ତରଙ୍କ ପ୍ରେସ୍କ୍ରିପସନରେ ଅନୁଚିତ କାର୍ଯ୍ୟ ଉପରେ ରୋକ ଲଗାଇବା । ଏହି ମଧ୍ୟରେ ହସ୍ପିଟାଲର ମୁଖ୍ୟମାନେ ସମସ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବେ । ଏହି ନିର୍ଦ୍ଦେଶଗୁଡ଼ିକ ପୂର୍ବରୁ ରୋଗୀଙ୍କୁ ଦିଆଯାଇଥିଲା । ଏହି ମାମଲାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି । କାର୍ଯ୍ୟାନୁଷ୍ଠାନର ରିପୋର୍ଟ ନିର୍ଦ୍ଦେଶାଳୟକୁ ଦିଆଯିବ ।

# ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ

ଉଭୟ ରାଜ୍ୟସଭା ଓ ଲୋକସଭାର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ରୁ ଆରମ୍ଭ ହେବ । ଏହା ଅଗଷ୍ଟ ୧୨ ଯାଏ ଚାଲିବ । ଏ ସମ୍ପର୍କରେ ଆଜି କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି । ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି । ପହଲଗାମ ନରସଂହାର ପରେ ଭାରତୀୟ ସେନା କରିଥିବା ଅପରେସନ ସିନ୍ଦୂର ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଥିଲେ । ଏହି ଦାବି ମଧ୍ୟରେ ସରକାର ସିଧାସଳଖ ମୌସୁମୀ ଅଧିବେଶନ ଆରମ୍ଭ ହେବାର ତାରିଖ ଘୋଷଣା କରିଛନ୍ତି । ଏ ସମ୍ପର୍କରେ ରିଜିଜୁ କହିଛନ୍ତି, "ନିୟମ ଅନୁସାରେ ମୌସୁମୀ ଅଧିବେଶ ସମୟରେ ସବୁ ପ୍ରସଙ୍ଗରେ ଆଲୋଚନା ହେବ ।" ରିଜିଜୁଙ୍କ କହିବା କଥା ଯେ ଉଭୟ ଲୋକସଭା ଓ ରାଜ୍ୟସଭା ଅଧିବେଶନ ଆରମ୍ଭ ହେବାର ସମୟ ଦିନ ୧୧ଟା ରଖାଯାଇଛି । ଏଥିରେ କୌଣସି ପ୍ରକାରର କାଟଛାଣ୍ଟ କରାଯାଇନି । ୩ ମାସ ପରେ ସଂସଦର ଅଧିବେଶନ ବସିବ ଓ ସବୁ ପ୍ରସଙ୍ଗରେ ଆଲୋଚନେ ହେବ । ଏହାପୂର୍ବରୁ ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ସଂସଦର ବଜେଟ ଅଧିବେଶନ ବସିଥିଲା । ପ୍ରଥମେ ଜାନୁଆରୀ ୩୧ ଓ ପରେ ଏପ୍ରିଲ ୪ରେ ବଜେଟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବଜେଟ ଅଧିବେଶନ ସମୟରେ ବିବାଦୀୟ ୱାକଫ ସଂଶୋଧନ ବିଲ ପାସ ହୋଇଥିଲା । ବିଲ ପାସ ହେବା ପରେ ୨୦୨୫ ଏପ୍ରିଲ ୮ରୁ ଏହାକୁ ବିଜ୍ଞପ୍ତି ଜାରି କରି ଦେଶରେ ଲାଗୁ କରାଯାଇଥିଲା । କିନ୍ତୁ ସୁପ୍ରିମକୋର୍ଟ ଏହାର କାର୍ଯ୍ୟକାରୀତା ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ରୋକ ଲଗାଇ ଦେଇଛନ୍ତି ।

# ୨୦୪୭ ସୁଦ୍ଧା କେମିତି ବିକଶିତ ହେବ ଭାରତ

ନୂଆଦିଲ୍ଲୀ : ପୂର୍ବତନ ଆରବିଆଇ ଗଭର୍ଣ୍ଣର ତଥା ପ୍ରଖ୍ୟାତ ଅର୍ଥନୀତିଜ୍ଞ ରଘୁରାମ ରାଜନ ଏକ ସାକ୍ଷାତକାରରେ କହିଛନ୍ତି, "ମୁଁ ବହୁ ଦିନ ଧରି ଜୋର ଦେଇ କହୁଛି—ଯଦି ଆମେ ୨୦୪୭ ସୁଦ୍ଧା ବିକଶିତ ଦେଶ ହେବାକୁ ଚାହୁଁ, ତେବେ ଆମକୁ ୮, ୮.୫ ରୁ ୯% ଅଭିବୃଦ୍ଧି ଆବଶ୍ୟକ, କାରଣ ଆମେ ଏବେ ବି ଏକ ତୁଳନାତ୍ମକ ଭାବେ ଦରିଦ୍ର ରାଷ୍ଟ୍ର ।"

ଏହି ମନ୍ତବ୍ୟ ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଥାଇ ମଧ୍ୟ ଭାରତ ଶକ୍ତିଶାଳୀ ଜିଡିପି ଅଙ୍କ ପ୍ରକାଶ କରିଛି । ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୈମାସିକରେ ଅର୍ଥନୀତି ୭.୪% ବୃଦ୍ଧି ପାଇଥିବା ବେଳେ ପୂରା ବର୍ଷ ପାଇଁ ୬.୫% ଅଭିବୃଦ୍ଧି ହାସଲ କରିଛି—ଯାହା ଅଧିକାଂଶ ପ୍ରମୁଖ ଅର୍ଥନୀତିଗୁଡ଼ିକ ତୁଳନାରେ ଅଧିକ । ରାଜନ ସ୍ୱୀକାର କରିଛନ୍ତି ଯେ ଭାରତର ବର୍ତ୍ତମାନର ୬.୫% ଅଭିବୃଦ୍ଧି "ଏକ ଅତି ପ୍ରଶଂସନୀୟ ଅଭିବୃଦ୍ଧି ହାର", ବିଶେଷତଃ ନିର୍ବାଚନ ସମୟରେ ସରକାରୀ ଖର୍ଚ୍ଚ ବିଳମ୍ବ ଏବଂ ଅସ୍ଥାୟୀ ପରିସଂଖ୍ୟାନ ବିକୃତିକୁ ଦୃଷ୍ଟିରେ ରଖି । କିନ୍ତୁ ସେ ଜୋର ଦେଇ କହିଛନ୍ତି ଯେ ଏବେ ଆତ୍ମସନ୍ତୁଷ୍ଟ ହେବାର ସମୟ ନୁହେଁ ।

"ଏହା ଭାରତର ମୁହୂର୍ତ୍ତ ହୋଇପାରେ, କିନ୍ତୁ ଆମକୁ ଏହାକୁ ଗ୍ରହଣ କରିବାକୁ ହେବ," ରାଜନ କହିଛନ୍ତି । ସେ ଯୁକ୍ତି ଦେଇଛନ୍ତି ଯେ ଭାରତକୁ ଉଚ୍ଚତର ଅଭିବୃଦ୍ଧି ବଜାୟ ରଖିବା ପାଇଁ ନିରଣ୍ଡାୟକ ଭାବେ



କାର୍ଯ୍ୟ କରିବାକୁ ହେବ—ନିବେଶ ଅନାବରଣ କରି, ଉପଭୋଗ ଆଧାରକୁ ବିସ୍ତାର କରି ଏବଂ ଦେଶୀୟ ଓ ବିଦେଶୀ ବ୍ୟବସାୟୀମାନଙ୍କୁ ଭାରତୀୟ ଅର୍ଥନୀତି ଉପରେ ଦୀର୍ଘମିଆଦି ଦାଉ ଲଗାଇବାକୁ ଆତ୍ମବିଶ୍ୱାସ ଦେବା ଦରକାର ।

ରାଜନଙ୍କ ଅନୁଯାୟୀ, ଗତିଶୀଳତା ଉପରେ ସବୁଠାରୁ ବଡ଼ ବାଧା ହେଉଛି ବିଶ୍ୱବ୍ୟାପୀ ଅନିଶ୍ଚିତତାର ବୃଦ୍ଧି । ସେ ବିଶେଷ କରି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ଭାବ୍ୟ ପୁନରାଗମନ ଏବଂ ଟାରିଫ ସମ୍ପର୍କିତ ଅନିଶ୍ଚିତତାକୁ ନିର୍ଦ୍ଦେଶ କରିଛନ୍ତି ।

"କିଛି ଧୀମା ହେବାର ସମ୍ଭାବନା ରହିଛି," ସେ କହିଛନ୍ତି । "ଆମେ ଏହି ବର୍ଷକୁ ଏକ ଅସାଧାରଣ ପ୍ରଦର୍ଶନ ସହିତ ଆରମ୍ଭ କରିଥିଲୁ । କିନ୍ତୁ ଆମେରିକା ଏବଂ ବିଶ୍ୱବ୍ୟାପୀ ଟାରିଫ ଅନିଶ୍ଚିତତା ଯୋଗୁଁ ସେହି ଗତି ଏବେ ହ୍ରାସ ପାଇଛି ।

ତଥାପି, ରାଜନ କିଛି ଉଭା ହେଉଥିବା ସକାରାତ୍ମକ ଦିଗ ଉଲ୍ଲେଖ କରିଛନ୍ତି, ଯେପରି ଅନୁକୂଳ ମୌସୁମୀ ପୂର୍ବାନୁମାନ, ଯାହା କୃଷି ଉତ୍ପାଦନ ବଢ଼ାଇପାରେ, ଏବଂ ଦୀର୍ଘ ଅପେକ୍ଷିତ ଗ୍ରାମୀଣ ଚାହିଦାର ପୁନରୁତ୍ଥାନର ସଙ୍କେତ ।

ଆଇଏମଏଫର ସାମ୍ପ୍ରତିକ ଅନୁମାନ ଅନୁଯାୟୀ ଭାରତର ନାମମାତ୍ର ଜିଡିପି ଜାପାନକୁ ଅତିକ୍ରମ କରି ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ପ୍ରଶ୍ନରେ ରାଜନ ଏହି ମାଇଲଷ୍ଟୋନକୁ ସ୍ୱାଗତ କରିଛନ୍ତି କିନ୍ତୁ ଏକ ବାସ୍ତବବାଦୀ ଦୃଷ୍ଟିକୋଣ ରଖିବାକୁ ପରାମର୍ଶ ଦେଇଛନ୍ତି । "ଆମେ ଏହି ଦେଶଗୁଡ଼ିକୁ ଅତିକ୍ରମ କରୁଛୁ ତାହା ଆମେ କମ କରି ଦେଖାଇବା ଉଚିତ ନୁହେଁ, ଆମେ ଆଗାମୀ କିଛି ବର୍ଷ ମଧ୍ୟରେ ଜର୍ମାନୀକୁ ମଧ୍ୟ ଅତିକ୍ରମ କରିବୁ । ହୁଏତ ୧ କିମ୍ବା ୨ ବର୍ଷ ମଧ୍ୟରେ," ସେ କହିଛନ୍ତି । କିନ୍ତୁ ସେ ସମଗ୍ର ଜିଡିପି ର?ାଙ୍କିଙ୍ଗକୁ ପ୍ରକୃତ ଅର୍ଥନୈତିକ ଅଗ୍ରଗତି ସହ ସମାନ କରିବା ବିରୁଦ୍ଧରେ ସତର୍କ କରିଛନ୍ତି ।

# ଗଣମାଧ୍ୟମ ସଂସ୍ଥାଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଆଡଭାଇଜରୀ ଜାରି

ନୂଆଦିଲ୍ଲୀ : ଗଣମାଧ୍ୟମ ସଂସ୍ଥାମାନଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରୀ । ସେନା କର୍ମଚାରୀ ବା ସେମାନଙ୍କ ପରିବାର ସଦସ୍ୟଙ୍କ ବ୍ୟକ୍ତିଗତ ଜୀବନକୁ ସମ୍ମାନ ଜଣାଇବାକୁ ମାର୍ଗଦର୍ଶିକାରେ କୁହାଯାଇଛି । ସେବାରତ କିମ୍ବା ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ବ୍ୟକ୍ତିଗତ ଜୀବନ ଏବଂ ସେମାନଙ୍କ ପରିବାରକୁ ନେଇ ଖବର ପ୍ରସାରଣ କରି ପାରିବେ ନାହିଁ ଗଣମାଧ୍ୟମ ସଂସ୍ଥା । ମାର୍ଗଦର୍ଶିକାରେ କୁହାଯାଇଛି, ସେନା କର୍ମଚାରୀଙ୍କ ଘର ଏବଂ ପରିବାର ଲୋକଙ୍କ ନମ୍ବର ପାଇବାକୁ ଉଦ୍ୟମ କରୁଛନ୍ତି ଗଣମାଧ୍ୟମ । ସେମାନଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ ଖବର ପ୍ରସାରଣ କରିବାକୁ ଉଦ୍ୟମ କରୁଛନ୍ତି । ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଏଭଳି ହେଉଛି । ଯାହାର କୌଣସି ପ୍ରାସଙ୍ଗିକତା ନାହିଁ । ସେନା କର୍ମଚାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯଥା ବାସସ୍ଥାନର ଠିକଣା, ପରିବାର ସଦସ୍ୟଙ୍କ ଫଟୋଗ୍ରାଫ, କିମ୍ବା ଜନସାଧାରଣଙ୍କ ସ୍ୱାର୍ଥରେ ଆସୁନଥିବା ସୂଚନା ପ୍ରକାଶନ କିମ୍ବା ପ୍ରସାରଣରୁ ଦୂରରେ ରହିବେ । ସଶସ୍ତ୍ର ବାହିନୀର ପେଶାଗତ ଏବଂ ନେତୃତ୍ୱ ସଂପର୍କରେ ଖବର ପ୍ରସାରଣ କରିବେ । ବ୍ୟକ୍ତିଗତ ଜୀବନ ଉପରେ କୌଣସି ଆନୁମାନିକ ଖବର ପ୍ରସାରଣରୁ ବିରତ ରହିବେ । ଗୋପନୀୟତାର ସୀମା ଅତିକ୍ରମ କରିବେ ନାହିଁ । ଅପରେସନ ବେଳେ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏ ସଂପର୍କିତ ଗୋପନୀୟତା ରକ୍ଷା କରିବେ । ସମସ୍ତ ଗଣମାଧ୍ୟମକୁ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ମାନଦଣ୍ଡ ବଜାୟ ରଖିବାକୁ ଅପିଲ କରାଯାଇଛି ।

# କୋହଲିଙ୍କ ଅପୂର୍ବ ସଂଯୋଗ

ନୂଆଦିଲ୍ଲୀ,୪।୬(ମହାଭାରତ): କୋହଲିଙ୍କ ଲକି ନମ୍ବର ୧୮। ଏକଥା ସାରା ଦୁନିଆ। ଜାଣିଛି । ଆଉ କୋହଲିଙ୍କ ପ୍ରଶଂସକ ତ ୧୮ ନଂ ଜର୍ସି ପିନ୍ଧି ଗତକାଲି ଠାରୁ ଆରସିବି ବିଜୟର ଉତ୍ସବ ମନାଉଛନ୍ତି। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଗତକାଲିର ମ୍ୟାଚରୁ ଫାଇନାଲ୍ ଟ୍ରଫି ହାତେଇବା ଯାଏଁ ହିଁ ୧୮ ନଂ ସଂଖ୍ୟାର ଏକ ବିରାଟ ସଂଯୋଗ ଥିଲା। ହଁ ବିରାଟ ସଂଯୋଗ, ମାନେ ଆରସିବି ଆଇପିଏଲ୍ ଚାମ୍ପିୟନ ହେବା ପରେ ତ ଟିମର ୧୮ ବର୍ଷର ସ୍ୱପ୍ନ ପୂରଣ ହୋଇଥିଲା ଆଉ ୧୮ ବର୍ଷ ଅପେକ୍ଷାର ଅନ୍ତ ହୋଇଥିଲା।

ସେପଟେ ଏହି ୧୮ ବର୍ଷର ସ୍ୱପ୍ନ ସାକାର ପଛରେ ଥିଲା ୧୮ ନଂ ଜର୍ସି ପିନ୍ଧା ଷ୍ଟାର ବ୍ୟାଟର ବିରାଟଙ୍କ ପରିଶ୍ରମ, ସଂଘର୍ଷ, ତ୍ୟାଗ

**ରନ୍, ସଂଖ୍ୟା, ଜର୍ସି, ସଂସ୍କରଣ, ତାରିଖର ଅପୂର୍ବ ମିଳନ ୧୮**

ଏବଂ ଗୋଟିଏ ଦଳ ପ୍ରତି ସମର୍ପଣ ଭାବ। କୋହଲିଙ୍କ ଜର୍ସି ନମ୍ବର ୧୮, ଆରସିବି ଚାମ୍ପିୟନ ହେବା ବର୍ଷ ବି ୧୮ ... ଆଉ ସବୁଠାରୁ ବଡ ସଂଯୋଗ କଣ ଜାଣନ୍ତି- ଗତକାଲି ତାରିଖକୁ ଯଦି ଆପଣ ମିଶାଇ ଦେବେ ତାହାଲେ ମୋଟ ସଂଖ୍ୟାର ପରିମାଣ ବି ହେବ ୧୮ ଗତକାଲି ତାରିଖ ଥିଲା ୦୩.୦୬.୨୦୨୫ ଏହି ତାରିଖର ସମସ୍ତଙ୍କ ସଂଖ୍ୟାକୁ ଯଦି ଆମେ ଯୋଗ କରିବା ତାହାଲେ ୦୩+୦୬+୨+୦+୨+୫= ୧୮ ହିଁ ସଂଖ୍ୟା ପଡୁଛି। ତେଣୁ ଖାଲି ଗୋଟିଏ ଦିନରେ ତିନି ତିନି ୧୮ ଅଙ୍କକୁ ନେଇ ସଂଯୋଗ। ଖାଲି ସେତିକି ନୁହେଁ ଚଳିତ ଆଇପିଏଲ ସିଜନରେ ବି ୧୮କୁ ନେଇ ଏକ ବଡ଼ ସଂଯୋଗ। ଆରସିବି ଏବଂ ବିରାଟଙ୍କୁ ନେଇ ରହିଛି। ୨୦୨୫ ଆଇପିଏଲର ୧୮ତମ ସଂସ୍କରଣ ହୋଇଥିବା ବେଳେ ବିରାଟ କୋହଲି ଚଳିତ ଆଇପିଏଲରେ କରିଥିବା ମୋଟ



ରନର ସଂଖ୍ୟା ୬୫୭। ଯାହାକୁ ବି ଆପଣ ମିଶାଇଲେ ୬+୫+୭= ୧୮ ହିଁ ହେବ। ଦେଖନ୍ତୁ ଗୋଟିଏ ଆଇପିଏଲରେ ୧୮ ସଂଖ୍ୟାକୁ ନେଇ ପାଞ୍ଚଟି ସଂଯୋଗ ସାମ୍ନାକୁ ଆସିଲାଣି।

ତେବେ ଇଏ ତ ଗଲା ଚଳିତ ସିଜିନର କଥା ଯଦି ଆପଣ ଆଇପିଏଲର ପ୍ରଥମ ସଂସ୍କରଣ କଥା ଦେଖିବେ ତାହାଲେ ସେଠାରେ ବି ୧୮କୁ ନେଇ ସଂଯୋଗ ରହିଛି। କାରଣ ୨୦୦୮ ଏପ୍ରିଲ ୧୮ ତାରିଖରେ ହିଁ ବେଙ୍ଗାଲୁରୁରେ ଆରସିବି ଓ କେକେଆର ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମ ସଂସ୍କରଣରେ ବେଙ୍ଗାଲୁରୁ ଅଭିଯାନ ଆରମ୍ଭ କରିଥିବା ଆରସିବି ଶେଷରେ ୨୦୨୫ରେ ଅହମଦାବାଦରୁ ଟ୍ରଫି ନେଇ ବେଙ୍ଗାଲୁରୁ ଯାଇଛି। ଏଥିସହ ୧୮ ସଂଖ୍ୟାକୁ ନେଇ ଏକ ବଡ ସଂଯୋଗର ସୂତ୍ରପାତ କରିଛି।

# ଚର୍ଚ୍ଚାରେ ବରୁଷ୍କା

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ ବିରାଟ କୋହଲିଙ୍କ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଇତିହାସ ସୃଷ୍ଟି କରିଛି। ମ୍ୟାଚ୍ ଜିତିବା ପରେ ବିରାଟ କୋହଲି ନିଜର ଆଖିର ଲୁହକୁ ଅଟକାଇ ପାରି ନଥିଲେ ପଡ଼ିଆରେ ସେ କାନ୍ଦି ପକାଇଥିଲେ। ବିରାଟଙ୍କୁ ଏପରି ଭାବପ୍ରବଣ ହେବା ଦେଖି ତାଙ୍କ ପ୍ରଶଂସକମାନେ ମଧ ଭାବବିହ୍ୱୋଳ ହୋଇ ପଡ଼ିଥିଲେ। ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କୁ ପୂରା ଦଳ ସହିତ ଅହମ୍ମଦାବାଦ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା ଉଭୟ କାଜୁଆଲ୍ ଲୁକରେ ନଜର ଆସିଥିଲେ । ଏହି ସମୟରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ମୁହଁରେ ଏକ ଭିନ୍ନ ଖୁସିର ଝଲକ ଥିବା ସ୍ପଷ୍ଟ ଭାବେ ବାରି ହୋଇ ପଡୁଥିଲା କୁହାଯାଉଛି ଏହି ଷ୍ଟାର ଦମ୍ପତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ ହେବା ଖୁସିର ଉତ୍ସବ ପାଳନ କରିବାକୁ ସମୟ ବିଳମ୍ବ ନକରି ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା ଆରମ୍ଭ କରି ଦେଇଛନ୍ତି । ନୂଆ। ଅଧ୍ୟାୟ ପ୍ରଥମ ଥର ପାଇଁ ଆଇପିଏଲ୍ ଜିତିବା ପରେ, ବିରାଟ କୋହଲି ଏବେ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ପାଇଁ ଏକ ଭାବପ୍ରବଣଭରା ପୋଷ୍ଟ ଲେଖିଛନ୍ତି। ସେ ଆଇପିଏଲ୍ ଗ୍ରାଉଣ୍ଡରୁ ଅଭିନେତ୍ରୀଙ୍କ ସହ ନିଜର ଏକ ଫଟୋ ସେୟାର କରିଛନ୍ତି ଏବଂ ତାଙ୍କ ବିଜୟର ଶ୍ରେୟ ଅଭିନେତ୍ରୀଙ୍କୁ ଦେଇଛନ୍ତି।ବିରାଟ କୋହଲି ତାଙ୍କ ଇନଷ୍ଟାଗ୍ରାମରେ ନିଜର ଏବଂ ଅନୁଷ୍କା ଶର୍ମାଙ୍କ ଏକ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ସେ ଅନୁଷ୍କାଙ୍କ ହାତ ଧରିଥିବାର ଦେଖାଯାଉଛି ଏବଂ ଉଭୟ ହସୁଛନ୍ତି ବିରାଟ ଏହି ଫଟୋ ସହିତ ଏକ ସ୍ୱତନ୍ତ୍ର ପୋଷ୍ଟ ଲେଖିଛନ୍ତି ସେ ଲେଖିଛନ୍ତି ଯେ, 'ମୁଁ ଏହା ୧୮ ବର୍ଷ ଧରି ଦେଖି ଆସୁଛି ଏବଂ ସେ ୧୧ ବର୍ଷ ଧରି ଦେଖି ଆସୁଛନ୍ତି। ୨୦୧୪ ପରଠାରୁ ସମାନ ମୁହୂର୍ତ୍ତଗୁଡ଼ିକ ସହିଛୁ ଏବଂ ଚିନ୍ନାସ୍ୱାମୀରେ ଆମର ପ୍ରତ୍ୟେକ ନିକଟ ବିଜୟ ଏବଂ ସମର୍ଥକଙ୍କ ପାଗଳାମିକୁ ପାଳନ କରିଛୁ ଆମେ ଉଭୟ ସମାନ ଭାବରେ ଆଶ୍ୱସ୍ତ ଏବଂ ଯେହେତୁ ସେ ମଧ ଜଣେ ବାଙ୍ଗାଲୋର ଝିଅ, ଏହା ତାଙ୍କ ପାଇଁ ବହୁତ ସ୍ୱତନ୍ତ୍ର'।



# ଆରସିବି ମାଲିକଙ୍କ ସମ୍ପତ୍ତି ମୂଲ୍ୟ କେତେ

ନୂଆଦିଲ୍ଲୀ,୪।୬(ଏଜେନ୍ସି): ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଗତମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇତିହାସ ସୃଷ୍ଟି କରିଛି। ବିରାଟ କୋହଲିଙ୍କ ଦଳ ଆରସିବି ପଞ୍ଜାବ କିଙ୍ଗସକୁ ୬ ରନରେ ହରାଇ ଚାମ୍ପିୟନ ହୋଇଛି। ଏହା ସହିତ ଆରସିବିର ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷାର ଅନ୍ତ ହୋଇଛି। ତେବେ ଆରସିବି ଦଳର ମାଲିକ କିଏ ଏବଂ ତାଙ୍କର ନେଟ ୱର୍ଥ କେତେ ଆସନ୍ତୁ ସେ ବିଷୟରେ ଜାଣିବା।

ଆରସିବି ପୂର୍ବରୁ ବିଜୟ ମାଲ୍ୟାଙ୍କ ମାଲିକାନାରେ ଥିଲା ବିଜୟ ମାଲ୍ୟା ସେତେବେଳେ କିଙ୍ଗଫିସର ଏୟାରଲାଇନ୍ସ ଏବଂ ୟୁନାଇଟେଡ୍ ସ୍ପିରିଟ୍ସ କମ୍ପାନିର ଅଧକ୍ଷ ଥିଲେ, କିନ୍ତୁ ଅତ୍ୟଧିକ ଋଣ ଯୋଗୁଁ ବିଜୟ ମାଲ୍ୟାଙ୍କୁ ବାଙ୍ଗାଲୁରୁ ଫ୍ରାଞ୍ଚାଇଜର ମାଲିକାନା ଛାଡିବାକୁ ପଡିଥିଲା ବର୍ତ୍ତମାନ ଆରସିବି ଦଳର ମାଲିକାନା ୟୁନାଇଟେଡ୍ ସ୍ପିରିଟ୍ସ କମ୍ପାନି ହାତରେ ରହିଛି ୟୁନାଇଟେଡ୍ ସ୍ପିରିଟ୍ସ ଏକ ଭାରତୀୟ ପାନୀୟ କମ୍ପାନି ଯାହା ମଦ୍ୟପାନ ତିଆରି କରେ। ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୁରୁର ମାଲିକ ୟୁନାଇଟେଡ୍ ସ୍ପିରିଟ୍ସ କମ୍ପାନିର ନେଟ୍ ୱର୍ଥ ୨୦୨୫ରେ ପ୍ରାୟ ୧୧.୯୫ ବିଲିୟନ ଆମେରିକୀୟ ଡଲାର ହେବ ବୋଲି ଆକଳନ କରାଯାଇଛି।ଭାରତୀୟ ମୁଦ୍ରାରେ ଏହି କମ୍ପାନିର ନେଟ୍ ୱର୍ଥ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି।

# ଆଗାମୀ ଆଇପିଏଲରେ ବାଦ୍ ପଡ଼ି ପାରନ୍ତି ବହୁ ଖେଳାଳି

ନୂଆଦିଲ୍ଲୀ,୪।୬(ଏଜେନ୍ସି): ଆଇପିଏଲର ୧୮ ସିଜିନ ଶେଷ ହୋଇ ଯାଇଛି ରଜତ ପାଟିଦାରଙ୍କ ଅଧିନାୟକରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚମ୍ପିୟାନ ହୋଇଛି ପଞ୍ଜାବ କିଙ୍ଗ୍ସ ପୁଣିଥରେ ରନର୍ସଅପ୍ ରହିଛି ୨ ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି ଇଭେଣ୍ଟରେ ଭାରତ ଏବଂ ବିଦେଶର ଅନେକ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ ।

ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ଆୟୁଷ ମହାତ୍ରେଙ୍କ ଭଳି ଖେଳାଳିମାନେ ଚଳିତ ସିଜନରେ ନିଜର ପ୍ରଦର୍ଶନ ଦେଖାଇ ସେମାନେ ଆଇପିଏଲର ଭବିଷ୍ୟତ ବୋଲି ସୂଚିତ କରି ଦେଇଛନ୍ତି ।ଏହି କ୍ରମରେ ଦେଖିବାକୁ ଗଲେ ଏମିତି ଅନେକ ଖେଳାଳି ଅଛନ୍ତି ଯେଉଁମାନେ ପରବର୍ତ୍ତୀ ସିଜିନରେ ଖେଳିବାର ଦେଖାଯାଇ ପାରନ୍ତି ନାହିଁ।

ଏଭଳି ଖେଳାଳିଙ୍କ ମଧ୍ୟରେ ପ୍ରଥମ ନାମ ଆସୁଛି ଏମ୍ ଏସ୍ ଧୋନି। ୨୦୨୫ ଆଇପିଏଲ ଶେଷ ହେବା ପରେ ଆଗକୁ ଆଉ ଖେଳିବେ କି ନାହିଁ। ସେ କଥା ଚିନ୍ତା କରିବେ ବୋଲି ଧୋନି ତାଙ୍କର ଏକ ପ୍ରତିକ୍ରିୟାରେ କହିଥିଲେ। ଏସବୁକୁ ଦୃଷ୍ଟିରେ ରଖି ଧୋନି ୨୦୨୬ ଆଇପିଏଲରେ ଖେଳି ନପାରନ୍ତି ବୋଲି ସମ୍ଭାବନା ଦେଖାଦେଇଛି।

ସେହିପରି ଚେନ୍ନାଇ ସୁପର କିଙ୍ଗ୍ସର ସଦସ୍ୟ ଥିବା ଆର ଅଶ୍ୱିନଙ୍କ ପାଇଁ ପରବର୍ତ୍ତୀ ବର୍ଷ ଖେଳିବା କଷ୍ଟକର ମନେ ହେଉଛି। ଗତ ବର୍ଷ କ୍ରିକେଟର ତିନୋଟି ଫର୍ମାଟରୁ ଅବସର ନେଇଥିବା ଅଶ୍ୱିନଙ୍କୁ ସିଏସକେ ୯.୭୫ କୋଟି ଟଙ୍କାରେ କିଣିଥିଲା କିନ୍ତୁ









ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ। ଇଂଲଣ୍ଡ ଅଲରାଉଣ୍ଡର ମୋଇନ୍ ଅଲ୍ଲୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି।ମୋଇନଙ୍କୁ କୋଲକାତା ତାଙ୍କ ମୂଳ ମୂଲ୍ୟରେ କିଣିଥିଲା।ଏହି ସିଜିନରେ ସେ କେବଳ ୨ ଇନିଂସ ଖେଳିଥିଲେ, ଯେଉଁଥିରେ ସେ ୫ ରନ୍ ସଂଗ୍ରହ କରି ପାରିଥିଲେ। ଅନୁମାନ କରାଯାଉଛି କି ଆଗାମୀ ସିଜନରେ କେକେଆର ତାଙ୍କୁ ଛାଡ଼ି ଦେଇପାରେ ଏବଂ ଅନ୍ୟ କୌଣସି ଦଳ ପାଇଁ ତାଙ୍କୁ କିଣିବା କଷ୍ଟକର ହୋଇପାରେ।

ଏହି କ୍ରମରେ ଦେଖିବାକୁ ଗଲେ ଅଷ୍ଟ୍ରେଲିୟ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ତାଙ୍କ ଫିଟନେସ୍ କାରଣ ଦର୍ଶାଇ ଓଡିଆଇ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ଏଥର ତାଙ୍କୁ ପଞ୍ଜାବ କିଙ୍ଗସ୍ ଦଳରେ ସାମିଲ କରାଯାଇଥିଲା, କିନ୍ତୁ ତାଙ୍କର ପ୍ରଦର୍ଶନ ଖରାପ ରହିଥିଲା। ଆଘାତ ଯୋଗୁଁ ସେ ଟୁର୍ଣ୍ଣାମେଣ୍ଟ ମଝିରୁ ବାହାର ହୋଇଯାଇଥିଲେ ।

ଏପରି ପରିସ୍ଥିତିରେ ପରବର୍ତ୍ତୀ ବର୍ଷ ତାଙ୍କ ପାଇଁ ଆଇପିଏଲ ଖେଳିବା କଷ୍ଟକର ଯଦି ପଞ୍ଜାବ ଗ୍ଲେନଙ୍କୁ ଛାଡ଼ିଦିଏ ତେବେ ଅନ୍ୟ କୌଣସି ଦଳ ତାଙ୍କୁ କିଣିବେ କି ନାହିଁ ତାହା କହିବା କଷ୍ଟକର ।

ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଥିବା ଫାଫ୍ ଡୁ ପ୍ଲେସିସ୍ ଅକ୍ଷର ପଟେଲ ଆହତ ହେବା ପରେ ଦଳର ନେତୃତ୍ୱ ନିଜ ହାତକୁ ନେଇଥିଲେ ଚଳିତ ସିଜନରେ ୪୦ ବର୍ଷୀୟ ଫାଫଙ୍କ ପ୍ରଦର୍ଶନ ଭଲ ନଥିଲା କୁହାଯାଉଛି କି ଫାଫ୍ ନିଜେ ଲିଗ୍ କ୍ରିକେଟରୁ ଅବସର ନେଇପାରନ୍ତି।

# ପୁଣି ପ୍ରେମରେ ପଡ଼ିଲେ କି ଧନଶ୍ରୀ ?

ମୁମ୍ବାଇ,୪।୬(ଏଜେନ୍ସି):: ପ୍ରସିଦ୍ଧ କୋରିଓଗ୍ରାଫର ଏବଂ ନୃତ୍ୟଶିଳ୍ପୀ ଧନଶ୍ରୀ ବର୍ମା ଭାରତୀୟ କ୍ରିକେଟର ୟୁଜବେନ୍ଦ୍ର ଚହଲଙ୍କଠାରୁ ଛାଡପତ୍ର ପରେ ଏବେ ତାଙ୍କ ଜୀବନରେ ଆଗକୁ ବଢ଼ିଛନ୍ତି। ତାଙ୍କୁ ବୃତ୍ତିଗତ କ୍ଷେତ୍ରରେ ବହୁତ ବ୍ୟସ୍ତ ଦେଖାଯାଉଛି ତାଙ୍କର ଅନେକ ପ୍ରୋଜେକ୍ଟ ଅଛି, ଯାହା ବିଷୟରେ ସୂଚନା ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ଉପଲବ୍ଧ। ବର୍ତ୍ତମାନ ଧନଶ୍ରୀ ତାଙ୍କର ଏକ ବୟାନ ଯୋଗୁ ଚର୍ଚ୍ଚାରେ ରହିଛନ୍ତି । ବିବାହ ବିଚ୍ଛେଦ ପରେ ପ୍ରେମ ପୁଣି ହୋଇପାରେ କି ନାହିଁ ?



ଧନଶ୍ରୀ କହିଛନ୍ତି, ମୁଁ ସବୁବେଳେ ମୋର ଲକ୍ଷ୍ୟ ଉପରେ ଧ୍ୟାନ ଦିଏ। ତାହା ମୋର ଦନ୍ତ ଚିକିତ୍ସକ ଭାବରେ କାମ ହେଉ କିମ୍ବା ବର୍ତ୍ତମାନ ମନୋରଞ୍ଜନ ଶିଳ୍ପରେ ଯେତେବେଳେ ମୁଁ ମୋର କ୍ୟାରିଅରକୁ ନୃତ୍ୟକୁ ପରିବର୍ତ୍ତନ କଲି, ମୋର ଏକାଡେମୀ ଖୋଲିଲି, ନୃତ୍ୟ ନିର୍ଦ୍ଦେଶନା ଆରମ୍ଭ କଲି, ଭାଇରାଲ ଭିଡିଓ ତିଆରି କଲି, ସେତେବେଳେ ମଧ ମୋର ମନୋଭାବ ସମାନ ଥିଲା।ମୁଁ ପୂର୍ବରୁ ଭାବୁଥିଲି ଯେ, ମୋର ଶ୍ରେଣୀ ସର୍ବୋତ୍ତମ ହେବା ଉଚିତ। ଏହା କେବଳ ଯଦି ମୁଁ ସତର୍କତାର ସହିତ କାମ କରେ ତେବେ ହିଁ ହୋଇପାରିବ।

ଧନଶ୍ରୀ ଆହୁରି କହିଛନ୍ତି, ପୁଣି ଥରେ ପ୍ରେମରେ ପଡ଼ିବା ବିଷୟରେ କହିବାକୁ ଗଲେ, ଆପଣ ଏହି ଜିନିଷଗୁଡ଼ିକ ଯୋଜନା କରିପାରିବେ ନାହିଁ। ଆପଣ ପୂର୍ବରୁ ନିଷ୍ପତ୍ତି ନେଇପାରିବେ ନାହିଁ ଯେ ମୁଁ ଏବେଠାରୁ ଗୋଟିଏ ବର୍ଷ ପରେ ପ୍ରେମରେ ପଡ଼ିବି। ପ୍ରେମ ଏକ ବହୁତ ଭିନ୍ନ ଜିନିଷ।ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୁଁ ମୋ ଜୀବନରେ ପରବର୍ତ୍ତୀ ସମୟରେ କଣ କରିବାକୁ ଚାହୁଁଛି ବର୍ତ୍ତମାନ ମୁଁ ମୋର କାମ ଉପରେ ଧ୍ୟାନ ଦେଉଛି। ମୁଁ ନିଜକୁ ସର୍ବୋତ୍ତମ ଭାବରେ ଉପସ୍ଥାପନ କରିବା ଉପରେ ଧ୍ୟାନ ଦେଉଛି।ଯଦି ଭାଗ୍ୟରେ ଭଲ ଲେଖା ଯାଇଛି, ତେବେ କାହିଁକି ନୁହେଁ? ଜୀବନରେ ପ୍ରେମ କିଏ ଚାହେଁ ନାହିଁ? ବର୍ତ୍ତମାନ ମୁଁ ମୋ କ୍ୟାରିୟର ଉପରେ ଧ୍ୟାନ ଦେଉଛି।

# ୨୦ କୋଟି ଜିତିଥିଲେ ବି ନେଇହେବନି ସବୁ ଟଙ୍କା

ନୂଆଦିଲ୍ଲୀ,୪।୬(ଏଜେନ୍ସି): ୭୩ ଦିନ ଓ ୭୪ ମ୍ୟାଚ୍ର ଜବରଦସ୍ତ ଲଢ଼େଇ ପରେ ଗତକାଲି ଆଇପିଏଲ୍କୁ ମିଳିଥିଲା ନୂଆ। ବିଜେତା ଅସୀମିତ ରୋମାଞ୍ଚ, ଅପୂର୍ବ ଉତ୍କଣ୍ଠା ତଥା ଘଡ଼ିଘଡ଼ିକେ ମୋଡ଼ ବଦଳାଉଥିବା ଫାଇନାଲ୍ରେ ପଞ୍ଜାବ କିଙ୍ଗ୍ସକୁ ୬ ରନ୍ରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପୂରଣ କରିଥିଲା। ବହୁ ପ୍ରତୀକ୍ଷିତ ଅଧୁରା ସ୍ୱପ୍ନ ୧୮ ବର୍ଷ ପରେ ବି ଆଇପିଏଲ୍ର ଆକର୍ଷଣୀୟ ଟ୍ରଫି ତୋଳି ଧରିବାର ଗୌରବ ଅର୍ଜନ କରିଥିଲା। ଆଇପିଏଲ ବିଜେତା ହେବା ପରେ ବାଙ୍ଗାଲୋର ଦଳକୁ ପୁରସ୍କାର ରାଶିରେ ୨୦ କୋଟି ଟଙ୍କା ମିଳିଛି ଆଇପିଏଲର ବିଜେତା ଦଳକୁ ସମ୍ପୂର୍ଣ୍ଣ ରାଶି ମିଳେ ନାହିଁ, କିନ୍ତୁ ଏଥିରେ ଲାଗୁ ହୋଇଥିବା ଟିକସ ଅନୁସାରେ ରାଶି ମିଳିଥାଏ। ଆରସିବିକୁ ପୁରସ୍କାର ରାଶି ଉପରେ ଲାଗୁ ହୋଇଥିବା ଟିକସ ମଧ ଦେବାକୁ ପଡିବ। ଆରସିବିକୁ ପୁରସ୍କାର ରାଶିର ୩୦ ପ୍ରତିଶତ ଟିକସ ଭାବରେ ଦେବାକୁ ପଡିବ। ଏହା ଅନୁଯାୟୀ, ବାଙ୍ଗାଲୋର ଦଳକୁ ଟିକସ ଭାବରେ ୬ କୋଟି ଟଙ୍କା ଦେବାକୁ ପଡିବ ଏବଂ ଦଳକୁ ପୁରସ୍କାର ରାଶିର ୧୪ କୋଟି ଟଙ୍କା ମିଳିବ। ପ୍ରୀତି ଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗ୍ସ ଆଇପିଏଲରେ ଉପବିଜେତା ହୋଇଛି ଏହି ଦଳକୁ ପୁରସ୍କାର ରାଶିରେ ୧୩ କୋଟି ଟଙ୍କା ମିଳିଛି। ବିଜେତା ଦଳ ପରି, ଏଥିରେ ମଧ ୩୦ ପ୍ରତିଶତ ଟିକସ ନିଆଯିବ, ଯାହା ଅନୁଯାୟୀ ଏହି ଦଳକୁ ଟିକସ ଭାବରେ ୩.୯୦ କୋଟି ଟଙ୍କା ଦେବାକୁ ପଡିବ ପଞ୍ଜାବ ଦଳକୁ ପୁରସ୍କାର ରାଶିରେ ୯ କୋଟି ୧୦ ଲକ୍ଷ ଟଙ୍କା ମିଳିବ। ଗତକାଲି ଫାଇନାଲ ମ୍ୟାଚ୍ରେ ବାଙ୍ଗାଲୋର ପଞ୍ଜାବକୁ ୬ ରନରେ ପରାସ୍ତ କରିଥିଲା । ପଞ୍ଜାବ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜବାବରେ, ବାଙ୍ଗାଲୋର ପଞ୍ଜାବ କିଙ୍ଗ୍ସ ସମ୍ମୁଖରେ ୧୯୧ ରନର ଟାର୍ଗେଟ ରଖିଥିଲା, ଯାହାକୁ ଶ୍ରେୟସ ଆୟରଙ୍କ ଦଳ ହାସଲ କରିପାରିନଥିଲା ଏବଂ ଆରସିବି ଜିତିଥିଲା।

# ଭାବପ୍ରବଣ ହେଲେ ବିଜୟ ମାଲ୍ୟା

ବେଙ୍ଗାଲୁରୁ,୪।୬: ଆଇପିଏଲ୍ ୧୮ତମ ସଂସ୍କରଣରେ ଚାମ୍ପିଅନ ହୋଇଛି ରୟାଲ ଚ୍ୟାଲେଞ୍ଜସ ବେଙ୍ଗାଲୁରୁ ଦୀର୍ଘ ୧୮ ବର୍ଷର ଅପେକ୍ଷା ସହ ପ୍ରଥମଥର ପାଇଁ ପିନ୍ଧିଛି ଆଇପିଏଲ୍ ମୁକୁଟ ଫାଇନାଲରେ ଏକ ରୋମାଞ୍ଚକର ମୁକାବିଲାରେ ଜିତିଛି ଆରସିବି। ଏହି ବିଜୟ ସହ ଆଇପିଏଲ୍ ଇତିହାସରେ ପୂରଣ ହୋଇଛି ବିରାଟଙ୍କ ବିରାଟ ଇଚ୍ଛା । ଆରସିବିର ଏହି ଐତିହାସିକ ବିଜୟର ସ୍ୱାଦ ପ୍ରଶଂସକଙ୍କୁ ଭେଟି ଦେଇଥିବା ବେଳେ ଗତକାଲି ଠାରୁ ସବୁଠି ସେଲିବ୍ରେସନ୍ ମାହୋଲ ଦେଖିବାକୁ ମିଳୁଥିବା ବେଳେ ସୋସିଆଲ୍ ମିଡିଆରେ ଆରସିବି-ବିରାଟଙ୍କୁ ନେଇ ନିଜ ନିଜ ମତ ରଖୁଛନ୍ତି।

ଠିକ୍ ସେତିକିବେଳେ ପୁରୁଣା ଦିନର କଥା ମନେପକାଇଛନ୍ତି ଭାବପ୍ରବଣ ହୋଇଛନ୍ତି ଆରସିବିର





ପୂର୍ବ ମାଲିକ ବିଜୟ ମାଲ୍ୟା। ସୋସିଆଲ ମିଡିଆଏକ୍ସରେ ପୋଷ୍ଟ କରି ମାଲ୍ୟା କହିଛନ୍ତି- ମୁଁ କ୍ରିସ୍ ଗେଲ୍ ଏବଂ ବିରାଟ କୋହଲିଙ୍କୁ ବାଛିଥିଲି। ଯାହା ହେଉ ପରିଶେଷରେ ଦୀର୍ଘ ଦିନର ଅପେକ୍ଷା ପରେ ଟ୍ରଫି ବେଙ୍ଗାଲୁରୁ ଆସିଲା ।

ମାଲ୍ୟା ଆହୁରି ମଧ୍ୟ କହିଛନ୍ତି- ଯେତେବେଳେ ମୁଁ ଆରସିବି ପ୍ରତିଷ୍ଠା କଲି, ସେତେବେଳେ ମୋର ସ୍ୱପ୍ନ ଥିଲା ଯେ ଆଇପିଏଲ ଟ୍ରଫି ବେଙ୍ଗାଲୁରୁକୁ ଆସୁ ବୋଲି... ଏହି ସମୟରେ ୟଙ୍ଗ୍ କ୍ରିକେଟର ଭାବରେ କିମ୍ବଦନ୍ତୀ କିଙ୍ଗ କୋହଲିଙ୍କୁ ବାଛିବାର ସୌଭାଗ୍ୟ ପାଇଲି ଏବଂ ସେ ୧୮ ବର୍ଷ ଧରି ଆରସିବି ସହିତ ରହିଛନ୍ତି। ମୁଁ କ୍ରିସ୍ ଗେଲଙ୍କୁ ବି ଚୟନ କରିଥିଲି। ଶେଷରେ ଆଇପିଏଲ ଟ୍ରଫି ବେଙ୍ଗାଲୁରୁରେ ପହଞ୍ଚିଲା ।ମୋର ସ୍ୱପ୍ନକୁ ସାକାର କରିଥିବା ସମସ୍ତଙ୍କୁ ଅଭିନନ୍ଦନ ଏବଂ ଧନ୍ୟବାଦ।

ଗତକାଲି ବି ଚାମ୍ପିୟନ ହେବା ପରେ ମାଲ୍ୟା ଏକ୍ସରେ ପୋଷ୍ଟ କରି ଆରସିବିକୁ ଶୁଭେଚ୍ଛା ଜଣାଇଥିଲେ। ତେବେ ଏଇଠି ଆମେ କହି ରଖୁ କି ଆଇପିଏଲର ପ୍ରଥମ ସଂସ୍କରଣ ୨୦୦୮ ଏପ୍ରିଲ ୧୮ ତାରିଖରେ ବେଙ୍ଗାଲୁରୁରେ ହୋଇଥିଲା। ଯେଉଁଠି ଆରସିବି ଓ କେକେଆର ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମ ସଂସ୍କରଣରେ ବେଙ୍ଗାଲୁରୁ ଅଭିଯାନ ଆରମ୍ଭ କରିଥିବା ଆରସିବି ଶେଷରେ ୨୦୨୫ରେ ଅହମଦାବାଦରୁ ଟ୍ରଫି ନେଇ ବେଙ୍ଗାଲୁରୁ ଯାଇଛି।

# ରୋକି ପାରିଲେନି ଆଖିର ଲୁହ

ନୂଆଦିଲ୍ଲୀ,୪।୬; ପୂରା ହେଲା ବିରାଟଙ୍କ ସ୍ୱପ୍ନ ୧୮ ବର୍ଷର ଅପେକ୍ଷାର ହେଲା ଅନ୍ତ ପ୍ରଥମ ଥର ଚାମ୍ପିଅନ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗ୍ସକୁ ୬ ରନ୍ରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଏହି ସମୟରେ ବିରାଟଙ୍କ ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି ହେଲେ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଚର୍ଚ୍ଚାରେ ଅଛନ୍ତି। କାରଣ ତାଙ୍କ ଦଳ ଫାଇନାଲରେ ହାରିବା ପରେ ଭାଙ୍ଗିପଡିଛନ୍ତି ମାଲିକାଣୀ । ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ୟୁଜର୍ସମାନେ କମେଣ୍ଟ କରୁଛନ୍ତି।

ଏବଂ ପଞ୍ଜାବ କିଙ୍ଗ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଥିଲା କାରଣ ଉଭୟ ଦଳ ଫାଇନାଲରେ ପହଞ୍ଚିବା ପାଇଁ ୧୮ ବର୍ଷ ଅପେକ୍ଷା କରିଥିଲେ। ଏହା ଉଭୟ ପକ୍ଷ ପାଇଁ ପ୍ରଥମ ଟାଇଟଲ୍ ହୋଇଥାନ୍ତା ଗୋଟିଏ ପଟେ ଦଳ ସେଲିବ୍ରେସନ କରୁଥିଲା, ଅନ୍ୟପଟେ ପଞ୍ଜାବ ଟିମ୍ ନିରାଶ ଥିଲା। ପ୍ରୀତି ତାଙ୍କ ହସ ପଛରେ ନିଜ ଲୁହକୁ ଲୁଚାଇ ରଖିଥିଲେ। ସିଜିନ୍ ସାରା ଭଲ ପ୍ରଦର୍ଶନ ସତ୍ତ୍ୱେ, ଶେଷରେ ଲକ୍ଷ୍ୟ ପୂରଣ କରିପାରିନଥିଲା। ଦଳ ଆଉ ମ୍ୟାଚ୍ ହାରିବା ପରେ ପ୍ରୀତି ଏକ ଟ୍ରାଡିସନାଲ ଧଳା ଏବଂ ଲାଲ କୁର୍ତ୍ତା ପିନ୍ଧି ଷ୍ଟାଣ୍ଡରୁ ଓହ୍ଲାଇ ଆସି ଖେଳାଳିମାନଙ୍କୁ ଆଶ୍ୱସନା ଦେଇଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ